
ସାବିତ୍ରୀ
ପୂଜା ସଂଖ୍ୟା
୨୦୧୪

# ମନୋଜ ଦାସଙ୍କ ସହ ଏକ ଅନ୍ତରଙ୍ଗ ଆଳାପ

ପ୍ରସାଦ ତ୍ରିପାଠୀ

ସମୟର ସୁଅରେ ପୃଥିବୀପୃଷ୍ଠରେ ଅନେକ ବ୍ୟକ୍ତିଙ୍କର ଆବିର୍ଭାବ ହୋଇଥାଏ। ଶାସ୍ତ୍ର କହେ ପ୍ରତ୍ୟେକଙ୍କର ସୃଷ୍ଟିପାଇଁ ଏକ ଆବଶ୍ୟକତା ଅଛି। ଖାଲି ଆବଶ୍ୟକତା ନୁହେଁ ଅପରିହାର୍ଯ୍ୟତା ମଧ୍ୟ ଥାଏ। ମାତ୍ର ଏପରି କିଛି ବ୍ୟକ୍ତି ଜନ୍ମ ନେଇଥାନ୍ତି ଯେଉଁମାନେ ନିଜେ ପୃଥିବୀ ପାଇଁ ଏକ ଏକ ସମାଧାନ ହୋଇଆସିଥାନ୍ତି। ସେମାନଙ୍କୁ ପ୍ରକୃତି ଗଢ଼ିବାବେଳେ ସେମିତି କିଛି ସତନ୍ତ୍ର ପୁଟ ଦେଇ ମାଖିମୁଖି କରି ଗଢ଼ିଥିବା ଭଳି ମନେ ହୁଏ। ସେମାନେ ସାଧାରଣ ଏବଂ ଅସାଧାରଣ ଉଭୟ ହୋଇଥାନ୍ତି। ନିଜ ପାଇଁ ସାଧାରଣ ହେବା ସଙ୍ଗେ ସଙ୍ଗେ ନିଜ ଭିନ୍ନ ଅନ୍ୟମାନଙ୍କ ପାଇଁ ଅସାଧାରଣ ହୋଇଥାନ୍ତି। ଅନନ୍ୟ ହୋଇଥାଆନ୍ତି। କହିବା ବାହୁଲ୍ୟ, ଏମାନଙ୍କ ସଂଖ୍ୟା ଅତ୍ୟନ୍ତ ନଗଣ୍ୟ ମାତ୍ର ଏଇ ମାନଙ୍କ ପାଇଁ ହିଁ ସୃଷ୍ଟି ଅସ୍ଥିରତାରୁ ସ୍ଥିର ହୁଏ, ଅଶାନ୍ତରୁ ଶାନ୍ତ ହୁଏ, ଉଦ୍‌ବିଗ୍ନରୁ ନୀରବ ହୁଏ ଏବଂ ଅସହିରୁ ସହଜ ହୁଏ। ଏମାନଙ୍କ ଉପସ୍ଥିତିହିଁ ସମସ୍ତ ପରିସ୍ଥିତିର ଦାୟିତ୍ୱ ନିଏ। ଅନେକ ସମ୍ଭାବନା ଏବଂ ବିଶ୍ୱାସ ସୃଷ୍ଟି କରେ।

ମୋର ଏ ସମସ୍ତ ଉପକ୍ରମ ଆପଣଙ୍କ ପାଇଁ। ଆପଣ ଅନେକ ଗୁଣର ଅଧିକାରୀ। ତେଣୁ କି ବିଶେଷଣରେ ଆପଣଙ୍କୁ ସମ୍ବୋଧନ କରିବି ? ମୋର ମନେହୁଏ ଯଦି ମୋତେ ଆପଣଙ୍କର ପରିଚୟ ଦେବାପାଇଁ ଦାୟିତ୍ୱ ଦିଆଯାଏ ତେବେ ତାହା ମୋ ପାଇଁ ସବୁଠାରୁ କଷ୍ଟକର ଦାୟିତ୍ୱ ହେବ। ତେଣୁ ଏପରି କିଛି ସତଃ ଯାହା ମୋ ଭିତରକୁ ଆସିଲା, ତାକୁ ଆଦୌ ଅତିରଞ୍ଜନ ନକରି ମୁଁ ପ୍ରକାଶ କଲି। ହଁ- ଆପଣ ମନୋଜ ଦାସ। ଆପଣଙ୍କ ସହିତ କିଛି ସମୟ ଆଳାପ ପାଇଁ ଆପଣ ଦେଇଥିବା ଏଇ ସୁଯୋଗ ମୋ ଜୀବନର ଅଳ୍ପ କେତୋଟି ମହନୀୟ ଅଭିଜ୍ଞତା ମଧ୍ୟରୁ ଅନ୍ୟତମ ହୋଇ ରହିବ ନିଶ୍ଚୟ।

**ପ୍ରସାଦ :** *ଆପଣ ଏକ ବିପୁଳ ପ୍ରତିଭାର ଅଧିକାରୀ। ସାମ୍ୟବାଦୀ ଚିନ୍ତାଧାରାକୁ ବିଶ୍ୱାସ କରୁଥିବା ବ୍ୟକ୍ତି, ଛାତ୍ରନେତା, ଅଧ୍ୟାପକ, ଲେଖକ, ଗାଳ୍ପିକ, ଔପନ୍ୟାସିକ, କବି, ସୁବକ୍ତା, ଅଧ୍ୟାତ୍ମବାଦୀ ଇତ୍ୟାଦି ଅନେକ ବିଭବରେ ପରିପୂର୍ଣ୍ଣ। ମାତ୍ର ଆପଣଙ୍କୁ ଯଦି ନିର୍ବାଚନ କରିବାକୁ ଦିଆଯାଏ ତେବେ କେଉଁ ଭାବରେ ଆପଣ ନିଜକୁ ପରିଚିତ କରାଇବାକୁ ଚାହିଁବେ ଏବଂ ତାହାର କାରଣ କ'ଣ ?*

**ମନୋଜ ଦାସ :** ଯଦି ପ୍ରକୃତ କଥା କହିବି ଆପଣ ହୁଏତ ମନେକରିବେ କିମ୍ବା ଅନ୍ୟମାନେ ମନେକରିବେ ଯେ ମୁଁ ଗୋଟାଏ ଲୌକିକ ବିନମ୍ରତା ବୋଧଯୋଗୁଁ ସେପରି କହୁଛି। ମୁଁ ନିଜକୁ କେବଳ ଜଣେ ଶିଶୁ ଭଳି ମନେକରେ ଏବଂ ଅଦ୍ୟାବଧି ଯେତେବେଳେ ମୁଁ ଏକାନ୍ତରେ ଥାଏ, ଅନ୍ୟମାନଙ୍କ ସାନ୍ନିଧ୍ୟରୁ ବିଚ୍ୟୁତ ହୋଇ ରହିଥାଏ ସେତେବେଳେ ମୋର ସେଇ ଅନ୍ତର୍ବୋଧ ହୁଏ ଯେ "ମୁଁ ଜଣେ ଶିଶୁ, ଯିଏ କି ଗୁରୁଣ୍ଡି ଗୁରୁଣ୍ଡି ଯାହେ ସିଆଡ଼େ ଯାଉଛି ଏବଂ କିଛି ଦର୍ଶନୀୟ, କିଛି ଲୋଭନୀୟ, କିଛି ସ୍ମରଣୀୟ ବସ୍ତୁ ସନ୍ଧାନ କରୁଛି ଏବଂ ଯାହାର ପ୍ରକୃତ ଅର୍ଥ ହେଉଛି ଜଣେ ଜିଜ୍ଞାସୁ ଯେ କି ଅଚେତନ ଭାବରେ ଜୀବନର ଅର୍ଥ କ'ଣ ଖୋଜି ଖୋଜି ଚାଲିଛି। ତା' ବ୍ୟତୀତ ମୁଁ ଅନ୍ୟଭାବରେ ନିଜକୁ କେବେହେଲେ ଦେଖିନାହିଁ।"

**ପ୍ରସାଦ :** *ଆପଣଙ୍କ ସହିତ ପ୍ରଶ୍ନୋତ୍ତର କରି ଅନେକ ବ୍ୟକ୍ତି ସମ୍ବାଦପତ୍ର, ବିଭିନ୍ନ ପତ୍ରପତ୍ରିକା ମାନଙ୍କରେ ସାକ୍ଷାତକାର ଛଳରେ ସେସବୁ ପ୍ରକାଶ କରିଛନ୍ତି। ଯେତେଦୂର ସମ୍ଭବ ମୁଁ ସେସବୁର ପୁନରାବୃତ୍ତି ନକରିବାପାଇଁ ଚେଷ୍ଟା କରିବି, ତେବେ ସେଥିପ୍ରତି ସଚେତନ ଥାଇ ମୋର ଦ୍ୱିତୀୟ ପ୍ରଶ୍ନ - ଆପଣ ପ୍ରଥମରୁ ସାମ୍ୟବାଦୀ ଆଦର୍ଶରେ ବିଶ୍ୱାସ କରୁଥିଲେ ମାତ୍ର ପରେ ମାର୍ଗ ପରିବର୍ତ୍ତନ କଲେ। ଏହି ପ୍ରେରଣାର ହେତୁ କହିବେ କି ?*

**ମନୋଜ ଦାସ :** ନିଶ୍ଚୟ; ପ୍ରେରଣାର ହେତୁ ସନ୍ଧାନ- ଆଉ କିଛି ନୁହେଁ। ପ୍ରତ୍ୟେକ ମନୁଷ୍ୟ ଭିତରେ ଗୋଟିଏ ଆଦର୍ଶବାଦ ରହିଥାଏ। ସେ ନିଜେ ସେ ସମ୍ପର୍କରେ ଅବହିତ ନଥିଲେ ବି ତାହା ରହିଥାଏ। ତା'ର ଅନେକ ଦୃଷ୍ଟାନ୍ତ ମୁଁ ମୋ ଲେଖାଲେଖିରେ ଦେଇଛି। ଏପରିକି ଜଣେ ଦସ୍ୟୁର ମଧ୍ୟ କିଛି ଆଦର୍ଶବାଦ ରହିଥାଏ। ତେବେ ସେ ଯାହାହେଉନା କାହିଁକି, ମୋର ଜୀବନ ପ୍ରଭାତରେହିଁ ଆରମ୍ଭ ହୋଇଥିଲା ମଣିଷର ଦୁଃଖର ହେତୁ କ'ଣ ତାହାରି ସନ୍ଧାନ। ମୁଁ ଅନେକ ଥର ଲେଖିଛି ଏବଂ କହିଛି ଯେ

ମୋର ବାଲ୍ୟକାଳରେ ମୁଁ ଯେଉଁଠାରେ ଜନ୍ମଗ୍ରହଣ କରିଥିଲି ତାହା ଥିଲା ଏକ ସୁନ୍ଦର ଅଞ୍ଚଳ। ସମୁଦ୍ର, ସରୋବର, ସବୁଜ ପ୍ରାନ୍ତର- ଏସବୁ ମୋତେ ଅତ୍ୟନ୍ତ ଅଭିଭୂତ କରି ରଖିଥିଲେ। କିନ୍ତୁ ସେଇ ପଟ୍ଟଭୂମିରେ ଦେଖାଦେଲା ଭୟଙ୍କର ଝଡ଼ ଏବଂ ତା'ପରେ ପରେ ଦାରୁଣ ଦୁର୍ଭିକ୍ଷ, ମହାମାରୀ। ମୋର ଆଖି ଆଗରେ, ପ୍ରାୟ ମୋ ଆଖି ଆଗରେ କହିଲେ ଅତିରଞ୍ଜିତ ହେବନାହିଁ, ଶହ ଶହ ଚିହ୍ନା ଜଣା ମୁହଁ ସବୁ ଟଳି ପଡୁଥାନ୍ତି। ତେଣୁ ମନୁଷ୍ୟର ଦୁଃଖ ସମ୍ପର୍କରେ ମୋ ମଧ୍ୟରେ ପ୍ରଥମରୁ ଏକ ଅଦ୍ଭୁତ ପ୍ରହେଳିକା ଭାବ ଜାତ ହୋଇଥିଲା। ଯେଉଁମାନେ ଏତେ ସୁଖୀଥିଲେ, ଆନନ୍ଦ ମୁଖର ଥିଲେ, ହଠାତ୍ ସେମାନେ ଏମିତି ଭାବରେ ଦାରୁଣ ଦୁର୍ବିପାକର ଶିକାର ହୋଇଯିବେ? ଏହାର ହେତୁ କ'ଣ ଏବଂ ଏଇ ଯେଉଁ ଦୁଃଖ, ଯେଉଁ ଦୈନ୍ୟଭାବ ବା ଦୈନ୍ୟ ଅନୁଭୂତି, ଏହାର ନିରାକରଣ ପ୍ରକ୍ରିୟା କେହି କେବେ ଲିଖିତ ଅଥବା କଥିତ ଭାବରେ ରଖିଯାଇଛନ୍ତି କି? ଯେତେବେଳେ ମୋ ମନରେ ଏଇ ସବୁ ପ୍ରଶ୍ନ ଅନୁଚ୍ଚାରିତ ହୋଇ ରହିଥାଏ, ସେତେବେଳେ ମୁଁ ଗାଁରୁ ସହରକୁ ଆସିଲି ଏବଂ ସହରକୁ ଆସିବା ପରେ ମୋ ସହ ଯୋଗାଯୋଗକ୍ରମେ କେତେକ ମାର୍କ୍ସବାଦୀ ନେତାଙ୍କ ସମ୍ପର୍କ ସ୍ଥାପିତ ହେଲା। ସେତେବେଳେ ମୋର ବୟସ ଚଉଦ କିମ୍ବା ପନ୍ଦର ହେବ। ଏବଂ ସେହି ଅବସ୍ଥାରେ, ସେହି ବୟସରେ ମୁଁ ମନେ କରିଥିଲି ଯେ ମାର୍କ୍ସବାଦ ହିଁ ମଣିଷର ଦୈନ୍ୟ, ଦୁର୍ଦ୍ଦଶା, ଦାରିଦ୍ର୍ୟ ପ୍ରଭୃତିର ଏକ ସୁଗମ ପ୍ରତିକାର ଏବଂ ସେଥିପାଇଁ ମୁଁ ତା'ପ୍ରତି ଆକୃଷ୍ଟ ହେଲି। ବୟସ ବଢ଼ିବା ସଙ୍ଗେ ସଙ୍ଗେ, ଚେତନା ଅଧିକରୁ ଅଧିକ ବ୍ୟବସ୍ଥିତ ହେଲା ଏବଂ ଅଧିକରୁ ଅଧିକ ପ୍ରସାରିତ ହେଲା। ସେତେବେଳେ ମୋର ହୃଦ୍‌ବୋଧ ହେଲା ଯେ ବାସ୍ତବିକ ମନୁଷ୍ୟର ଦୁଃଖ, ଦାରିଦ୍ର୍ୟ ଏବଂ ତା'ର ଯନ୍ତ୍ରଣା ପାଇଁ କୌଣସି ସ୍ଥୂଳ କାରଣ ହୁଏତ ଅଂଶିକ ଭାବରେ ଦାୟୀ ହୋଇପାରେ କିନ୍ତୁ ତା'ର ପ୍ରକୃତ ହେତୁ ତା'ର ଚେତନାର ଗଭୀରରେ ନିହିତ ରହିଛି। କିମ୍ବା ରହିଛି ଜୀବନର ଅନ୍ୟ କୌଣସି ରହସ୍ୟ ଭିତରେ, ତାହା ବାହାରେ ନାହିଁ। ଯେତେବେଳେ ଏଇ ଧାରଣା ମୋ ମଧ୍ୟରେ ବଳବତ୍ତର ହେଲା ସେତେବେଳେ ମୋର ସନ୍ଧାନର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହେଲା। ଏବଂ ସେଇ ଦ୍ୱିତୀୟ ପର୍ଯ୍ୟାୟରେ ମୁଁ ଅନେକଗୁଡ଼ିଏ ଧର୍ମଗ୍ରନ୍ଥ ପଢ଼ିବା ଆରମ୍ଭ କଲି। ଯେତିକି ସମ୍ଭବ ବିଭିନ୍ନ ଦର୍ଶନ ପାଠକଲି। ମୁଁ ଗୋଟିଏ ବିରାଟ ପାଠକ ନୁହେଁ କିମ୍ବା କ୍ଷିପ୍ରଗତିରେ ପଢ଼ିପାରେ ନାହିଁ। ତେଣୁ ଯେତିକି ପାରୁଥିଲି ପଢୁଥିଲି, ଯେତିକି ପାରୁଥିଲି ଆହରଣ କରିବାକୁ ଚେଷ୍ଟା କରୁଥିଲି। ଅଧିକାଂଶ ଦର୍ଶନର ଯାହା ମୂଳକଥା ତାକୁ ବୁଝିବାକୁ ଚେଷ୍ଟା କରୁଥିଲି। ତା'ର ସାରାଂଶ ଜାଣିବାକୁ ଚେଷ୍ଟା କରୁଥିଲି। କିନ୍ତୁ ମତେ କେହି ସନ୍ତୋଷ ଦେଉନଥିଲେ। ଏଇ ଅବସ୍ଥାରେ ମୁଁ ଶ୍ରୀଅରବିନ୍ଦଙ୍କର ସାହିତ୍ୟ ସମ୍ପର୍କରେ ଆସିଲି ଯେଉଁଥିରେ ମୁଁ ମାନବଜୀବନର ଗୋଟିଏ ସମ୍ପୂର୍ଣ୍ଣ ଐତିହାସିକ, ମନସ୍ତାତ୍ତ୍ୱିକ ଏବଂ ଦାର୍ଶନିକ ତଥା ଯୁକ୍ତିସମ୍ମତ ଚିତ୍ର ପାଇଲି ଏବଂ ମନୁଷ୍ୟ ଯେ ଗୋଟିଏ ସ୍ଥାଣୁ ପ୍ରାଣୀ ନୁହେଁ, ତା'ର ଚେତନା ଯେ ଗୋଟିଏ ସ୍ଥାଣୁ ଅବସ୍ଥାରେ ଅଟକିଯାଇ ନାହିଁ, ସେ ଗୋଟିଏ କ୍ରମବିବର୍ତ୍ତନଶୀଳ ଶକ୍ତି, ଏଇ ଧାରଣା ମୁଁ ପ୍ରଥମ କରି ତାଙ୍କ ସାହିତ୍ୟରୁ ପାଇଲି; ଏଭଳି କଥା ଅନ୍ୟ କେହି କହିବାର ଜଣାନଥିଲା। ମୁଁ ଶ୍ରୀଅରବିନ୍ଦଙ୍କ ପ୍ରତି ଆକୃଷ୍ଟ ହେଲି। ତାଙ୍କ ଦର୍ଶନ ପଢ଼ିବାକୁ ଆରମ୍ଭ କଲି। ଯେତିକି ପାରିଲି ବୁଝିବାକୁ ଚେଷ୍ଟା କଲି। ଏଇ ହେଲା ତା'ର ଇତିହାସ। ସଂକ୍ଷେପରେ, ମୋର ସନ୍ଧାନର ଗୋଟିଏ ପର୍ଯ୍ୟାୟ ମାର୍କ୍ସବାଦ ଏବଂ ଦ୍ୱିତୀୟ ପର୍ଯ୍ୟାୟ ବା ପୂର୍ଣ୍ଣାଙ୍ଗ ପର୍ଯ୍ୟାୟରେ ମୁଁ କହିବି ଶ୍ରୀଅରବିନ୍ଦ।

**ପ୍ରସାଦ :** *ଆପଣ କଟକରେ ଅଧ୍ୟାପକ ଥିବା ସମୟରେ ବେଶ୍ ପରିଚିତ ହୋଇ ସାରିଥିଲେ। ସେତେବେଳେ ତରୁଣମାନେ ଆପଣଙ୍କ ବ୍ୟକ୍ତିତ୍ୱ ପ୍ରତି ଅନେକ ଆକର୍ଷିତ ଥିଲେ। ଆପଣଙ୍କ ଅଧ୍ୟାପକ ଜୀବନର କିଛି ଏକ ସ୍ମରଣୀୟ ଘଟଣା କହିବେ କି?*

**ମନୋଜ ଦାସ :** ମୁଁ ଯେଉଁ ଅଳ୍ପ କେତେବର୍ଷ ଅଧ୍ୟାପକ ଭାବରେ କଟକ କ୍ରାଇଷ୍ଟ କଲେଜରେ କାର୍ଯ୍ୟ କରୁଥିଲି, ପ୍ରାୟ ସାଢ଼େ ତିନିବର୍ଷ, ସେତେବେଳେ କ୍ଲାସ ବାହାରେ ମୁଖ୍ୟ କାର୍ଯ୍ୟଥିଲା 'ଦିଗନ୍ତ' ପତ୍ରିକାର ସମ୍ପାଦନା ଆଉ ଯେତିକି ସମୟ ପାଉଥିଲି ଚିନ୍ତା ଏବଂ ଅଧ୍ୟୟନରେ ବ୍ୟୟ କରୁଥିଲି। ସେତେବେଳେ ମୋ ଜୀବନର ବହିର୍ଦ୍ଦିଗ ଥିଲା ସମ୍ପାଦକ, ଲେଖକ, ଅଧ୍ୟାପକ। କିନ୍ତୁ ଅନ୍ତର୍ଜୀବନ ଥିଲା ମୋର ବେଶୀ ତତ୍ପର। ଯଦିଓ ସେତେବେଳେ କେହି ଜାଣୁ ନଥିଲେ, ସେତେବେଳେ ହିଁ ମୁଁ ବେଶୀ ପଢ଼ାପଢ଼ି କରୁଥିଲି ଦର୍ଶନ ଏବଂ ବିବିଧ ସାହିତ୍ୟ। ତେଣୁ ସ୍ମରଣୀୟ ସେପରି ଘଟଣା କିଛି ଘଟିନି।

**ପ୍ରସାଦ :** *ଆପଣଙ୍କର ପିଲାଦିନ କଟିଥିଲା ଏକ ଅତ୍ୟନ୍ତ ନିପଟ ପଲ୍ଲୀରେ ଏବଂ ପରବର୍ତ୍ତୀ ସମୟରେ ପୃଥିବୀର ସର୍ବବୃହତ୍ ଧନାଢ୍ୟ ନଗରୀମାନଙ୍କୁ ଯାଇ ନିଜର ପ୍ରତିଭାର ପରିଚୟ ଦେଇପାରିଛନ୍ତି। ସୃଷ୍ଟିର ଏଇ ଦୁଇଟି ଅବସ୍ଥା ନିପଟ ପଲ୍ଲୀ ଏବଂ ଅତ୍ୟନ୍ତ ଧନଶାଳୀ ନଗରୀମାନଙ୍କ ମଧ୍ୟରେ ଆପଣ କିଛି ସମ୍ପର୍କ ଅନୁଭବ କରିଛନ୍ତି କି? ଚାକ୍ଷୁସ ହେଉ ଅଥବା ମନସ୍ତାତ୍ତ୍ୱିକ।*

**ମନୋଜ ଦାସ :** ବେଶ୍- ଖୁବ୍ ମୌଳିକ ପ୍ରଶ୍ନ। ମଜାକଥା ହେଲା, ମୁଁ ପଲ୍ଲୀରେ ମଣିଷକୁ ଯେପରି ଅସହାୟ ଅବସ୍ଥାରେ ଦେଖିଛି, ସମୃଦ୍ଧିଶାଳୀ, ଧନାଢ୍ୟ ଦେଶରେ ଠିକ୍ ଟିକିଏ ଭିତରକୁ ଯାଇ ଦୃଷ୍ଟିପାତ କରି, ସେହି ମଣିଷ, ସେହି ଅସହାୟ- ସେହି ଉଲଗ୍ନ ମନୁଷ୍ୟକୁ ଭେଟିଛି। ଜଣେ ଦାରିଦ୍ର୍ୟରେ ଉଲଗ୍ନ ଆଉ ଜଣେ ପ୍ରାଚୁର୍ଯ୍ୟରେ ବି ଉଲଗ୍ନ। ଏହାକୁ ଗୋଟଏ ପ୍ରକାର ଅଭିଜ୍ଞତା ବୋଲି କୁହାଯାଇପାରେ।

**ପ୍ରସାଦ :** *ଆପଣ ଗଳ୍ପ, ଉପନ୍ୟାସ ଏବଂ କବିତା ଲେଖିଛନ୍ତି। ଅତୀତରେ ଅନେକ ସମ୍ବାଦପତ୍ର ପାଇଁ ସ୍ତମ୍ଭକାର ମଧ୍ୟ ହୋଇଛନ୍ତି।*

*ଏଇ ପ୍ରତିଟି ସୃଷ୍ଟିପାଇଁ ଆପଣଙ୍କର ପ୍ରେରଣା ସମାନ ନା ଭିନ୍ନ ଭିନ୍ନ ?*

**ମନୋଜ ଦାସ :** ଭିନ୍ନ ଭିନ୍ନ ପ୍ରେରଣା । ମୋର ଯେତେସବୁ ସୃଜନାତ୍ମକ ଲେଖା ବା Creative writing, ସେସବୁ ମୁଁ ସମ୍ପୂର୍ଣ୍ଣ ଭାବରେ ପ୍ରେରଣା ଉପରେ ନିର୍ଭର କରି ଲେଖିଛି । ବିନା ପ୍ରେରଣାରେ ମୁଁ କେବେବି କିଛି ଲେଖି ନାହିଁ । ଆଉ ପ୍ରେରଣା ଗୋଟିଏ ଏଭଳି ଶକ୍ତି ଯାହାର ବ୍ୟାଖ୍ୟା କରିବା ସମ୍ଭବ ନୁହେଁ । ସେ ଗୋଟିଏ ପ୍ରବେଗ । ଉଣାଧିକ ଊର୍ଦ୍ଧ୍ୱରୁ ଆସୁଥିବା ଗୋଟିଏ ନିମନ୍ତ୍ରଣ । ଗୋଟିଏ ରହସ୍ୟ ନିଜକୁ ଖୋଲିଦେବା ପାଇଁ ଚାହୁଁଛି ଆପଣଙ୍କ ପାଖରେ । ସେହିଭଳି ଗୋଟିଏ ଅନୁଭୂତି ଯାହାକୁ ପ୍ରେରଣା ବୋଲି ମୁଁ କହିବି । ସେଥିପାଇଁ ତ ଆଜକୁ ପନ୍ଦର ବର୍ଷ ହେଲାଣି ମୁଁ ଆଉ ଗଳ୍ପ ଲେଖିନାହିଁ । କାରଣ ବର୍ତ୍ତମାନ ମୋର ଗଳ୍ପ ଲେଖିବାର ପ୍ରେରଣା ନାହିଁ । ଅବଶ୍ୟ ଗଳ୍ପ ଉଦ୍ଭାବନ କରିପାରନ୍ତି । କିନ୍ତୁ ଗଳ୍ପ ଉଦ୍ଭାବନ ସପକ୍ଷରେ ମୁଁ ନୁହେଁ । ପୃଥିବୀରେ ଭଲ ଭଲ ଗଳ୍ପର କିଛି ଅଭାବ ନାହିଁ । ଯେତିକି ପ୍ରେରଣା- ପ୍ରସୂତ ଗଳ୍ପ ମୁଁ ଲେଖିଛି ତା'ର ସଂଖ୍ୟା କିଛି କମ୍ ନୁହେଁ ।

ବାକି ଅନ୍ୟ ପ୍ରକାରର ଲେଖା । ସମ୍ବାଦପତ୍ରମାନଙ୍କରେ ବିଭିନ୍ନ ସ୍ତମ୍ଭ କିମ୍ବା ପ୍ରବନ୍ଧ ନିବନ୍ଧ ଇତ୍ୟାଦିର ପଛଭୂମି ସବୁ ଭିନ୍ନ ଭିନ୍ନ । ଅନେକ ସମୟରେ ମୁଁ ଲେଖିଛି କିଛି ସାମାଜିକ ଦାୟିତ୍ୱବୋଧରୁ । ବେଳେବେଳେ ଅନ୍ୟମାନଙ୍କର ଅନୁରୋଧକୁ ଏଡ଼େଇଦେଇ ନପାରି ଲେଖିଛି । ଯେଉଁ ସମସ୍ୟା ସମ୍ପର୍କରେ ମୋର ବିଶେଷ ଜ୍ଞାନ ନାହିଁ, ସେଇ ସମସ୍ୟା ଅନୁଧ୍ୟାନ କରି କିଛି ଜ୍ଞାନ ଅର୍ଜନ କରିବି, ଏଇ ଆଶା ନେଇକରି ମଧ୍ୟ ମୁଁ କେତେକ ଲେଖା ଲେଖିଛି । ତେଣୁ ଏ ସବୁ ବୌଦ୍ଧିକସ୍ତରର ଲେଖା । କୌଣସି ବୌଦ୍ଧିକ ସ୍ତର ପ୍ରେରଣା ନୁହେଁ । ବରଂ ଆପଣ ଯାହାକୁ ସାମାଜିକ ଦାୟିତ୍ୱବୋଧ କହୁଛନ୍ତି ତାହାହିଁ ଏଭଳି ଲେଖାଲେଖିର ଭିତ୍ତି ।

**ପ୍ରସାଦ :** *ଗାଳ୍ପିକ ହିସାବରେ ଆପଣ ବିଶ୍ୱବିଖ୍ୟାତ । ଅନେକ ଗଳ୍ପ ଆପଣଙ୍କର ଉଭୟ ଓଡ଼ିଆ ଏବଂ ଇଂରାଜୀ ସାହିତ୍ୟରେ ଏକ ଏକ ଅନବଦ୍ୟ ସୃଷ୍ଟି, ଏକ ଏକ ମାଇଲ୍ ସ୍ତମ୍ଭ । ଆପଣ ଆପଣଙ୍କର କୌଣସି ରଚନା ପାଇଁ କେବେ ସମାଲୋଚିତ ହୋଇଛନ୍ତି କି ? (ଏ ପ୍ରଶ୍ନର ଉଦ୍ଦେଶ୍ୟ କୌଣସି ତଥାକଥିତ ସମାଲୋଚନା ନୁହେଁ- ଯେତେବେଳେ ସମାଲୋଚକ ସମାଲୋଚନା ପାଇଁ ହିଁ ସମାଲୋଚନା କରିଥାନ୍ତି, ପ୍ରୟୋଜନ ହେଲେ ଗୋବରକୁ ପ୍ରଶଂସା କରି କ୍ଷୀରକୁ ମଧ୍ୟ ନିନ୍ଦା କରିଥାନ୍ତି । ମାତ୍ର ସେଇ ସମାଲୋଚକ ଯିଏ ସୃଷ୍ଟିକର୍ତ୍ତାଙ୍କୁ ସମ୍ମାନ ତଥା ମର୍ଯ୍ୟାଦା ଦେଇ ତାଙ୍କର ସୃଷ୍ଟିରୁ ତ୍ରୁଟି କାଢ଼ିପାରନ୍ତି ।)*

**ମନୋଜ ଦାସ :** ସେପରି କିଛି ଉଲ୍ଲେଖଯୋଗ୍ୟ ସମାଲୋଚନାର ମୁଁ ସମ୍ମୁଖୀନ ହୋଇନାହିଁ । ଏବଂ ହୋଇନାହିଁ ବୋଲି ଯେ ତାହା ମୋ ପାଇଁ ଏକ ଆନନ୍ଦପ୍ରଦ କଥା- ତା ମୁଁ କହୁନାହିଁ । ଆମ ଦେଶର ସମାଲୋଚକ ଶ୍ରେଣୀ ଖୁବ୍ ଗୋଟାଏ ବିଦଗ୍ଧ ଗୋଷ୍ଠି ନୁହନ୍ତି ବୋଲି ମୋର ମନେହୁଏ ଏବଂ ପ୍ରାୟତଃ ଅନେକ ସୃଜନାତ୍ମକ ଲେଖାର ସମାଲୋଚନା ଖୁବ୍ ଉପରଠାଉରିଆ ଭାବରେ ହିଁ ହୋଇଛି । କେହି ଭିତରକୁ ଯାଇ, କାହାଣୀର ଯେଉଁ ମର୍ମ, ତା'ର ଯେଉଁ ଆଭିମୁଖ୍ୟ, ଦିଗ୍‌ଦର୍ଶନ ତା'ର ମର୍ମ ସ୍ପର୍ଶ କଲାଭଳି ସମାଲୋଚକ ଖୁବ୍ କ୍ୱଚିତ୍ ଥାଆନ୍ତି । ତେଣୁ ମୁଁ ସମାଲୋଚନାରେ ପ୍ରଶଂସା ପାଇଛି ନିଶ୍ଚୟ । କିନ୍ତୁ ଯେଉଁଠି ମୁଁ ଅନୁଭବ କରେ ଯେ ପ୍ରଶଂସା ସତ୍ତ୍ୱେ ମୋର କୌଣସି ଗଳ୍ପକୁ ସେମାନେ ଠିକ୍ ବୁଝିପାରୁନାହାନ୍ତି କିମ୍ବା ତା'ର ମର୍ମ ସମ୍ପର୍କରେ ନୀରବ ରହୁଛନ୍ତି, ତାକୁ ମୁଁ ଏକ ନେତିବାଚକ ସମାଲୋଚନା ବୋଲି ଧରିନିଏ । ଅନ୍ୟ ଯିଏ ବୁଝିବାକୁ ଚେଷ୍ଟା କରିନାହାନ୍ତି, ମୋର ଧାରଣା ହୁଏ ସେଇଟା ମୋ ପ୍ରତି ଏକ ନିର୍ଦ୍ଦୟତା ।

**ପ୍ରସାଦ :** *ଆପଣଙ୍କର କେଉଁ ପୁସ୍ତକଟି ସବୁଠାରୁ ବେଶୀ ଆଲୋଚିତ, ଆଦୃତ କିମ୍ବା ଜନ ସମାଜରେ ସୀକୃତ ବୋଲି ଆପଣ ଅନୁଭବ କରନ୍ତି ? ଆଉ କେଉଁ ଗୋଟିକ ସବୁଠାରୁ ବେଶୀ ଭାଷାରେ ଅନୁବାଦିତ ହୋଇଅଛି ?*

**ମନୋଜ ଦାସ :** କୌଣସି ଗ୍ରନ୍ଥ ତ ବେଶୀ ଭାଷାରେ ଅନୂଦିତ ହୋଇନାହିଁ । ଗଳ୍ପ ସବୁ ବିଭିନ୍ନ ଭାଷାରେ, ବିଭିନ୍ନ ସ୍ଥାନରେ ଅନୂଦିତ ହୋଇଅଛି । ଗୋଟାଏ ଗୋଟାଏ କ୍ଷୁଦ୍ର ଗଳ୍ପ, ବଡ଼ ଗଳ୍ପ ବା କାହାଣୀ ସବୁ ଅନେକ ଭାଷାରେ ଅନୂଦିତ ହୋଇଛି । ମୋର ଏକ ଗୁଚ୍ଛ ଗଳ୍ପ ପର୍ତ୍ତୁଗୀଜ ଭାଷାରେ ମଧ୍ୟ ଅନୂଦିତ ହୋଇ ଦୁଇ ଖଣ୍ଡରେ ପ୍ରକାଶିତ ହୋଇଛି । ମାତ୍ର ନିର୍ଦ୍ଦିଷ୍ଟ କୌଣସି ପୁସ୍ତକ ବହୁଭାଷାରେ ଅନୁବାଦିତ ହୋଇନାହିଁ । ଭାରତ ବର୍ଷ ଭିତରେ ଅଧିକାଂଶ ଭାଷାରେ ବହୁ ଗଳ୍ପ ଅନୂଦିତ ହୋଇଛି । ମୋର ଗଳ୍ପ ସଙ୍କଳନ ଯାହାକୁ National Book Trust "ମନୋଜ ଦାସଙ୍କ ନିର୍ବାଚିତ ଗଳ୍ପ" ନାମରେ ଛାପିଛନ୍ତି- ତାହା ଭାରତର ମୁଖ୍ୟ ଭାଷାମାନଙ୍କରେ ମୁଦ୍ରିତ ହୋଇଛି । ତେଣୁ ଗଳ୍ପ ଉପରେ ମୁଁ ବହୁତ ମନ୍ତବ୍ୟ ପାଇଛି । କିନ୍ତୁ କୌଣସି ନିର୍ଦ୍ଦିଷ୍ଟ ପୁସ୍ତକ ବିଶେଷ ଭାବରେ ଆଲୋଚିତ ହେବାର ମୋତେ ଜଣା ନାହିଁ । ମୋର ଗୋଟିଏ ଓଡ଼ିଆ ପୁସ୍ତକ "ତନ୍ଦ୍ରାଲୋକର ପ୍ରହରୀ"ର ହିନ୍ଦି ଅନୁବାଦ ଜ୍ଞାନପୀଠ ପ୍ରକାଶ କରିଛନ୍ତି । କେହି କେହି ବିଦଗ୍ଧ ଲେଖକ ଓ ସମାଲୋଚକ ତା'ର ମର୍ମ ଉପଲବ୍ଧି କରୁଥିବେ ବୋଲି ମୋର ଧାରଣା । ଡକ୍ଟର ଏଚ୍.ପି. ଶୁକ୍ଳା ଜଣେ ଏମନ୍ତ ପ୍ରବୀଣ ଇଂରାଜୀ ଅଧ୍ୟାପକ, ଯାହାଙ୍କ ସମାଲୋଚନାକୁ ମୁଁ ବହୁତ ସମ୍ମାନ କରେ । 'ପ୍ରଭଞ୍ଜନ' (Cyclone) ଏବଂ 'ଆକାଶର ଇସାରା' (The Escpist) ଉପରେ ସେ ମହାଶୟ ମନୋଜ୍ଞ ଅଭିମତ ଦୁଇଟି ଲେଖି ଦେଇଥିଲେ । ଆକାଶର ଇସାରା ବହିଟିକୁ ସେ ତାଙ୍କ ଜୀବନରେ ସବୁଠାରୁ ଶ୍ରେଷ୍ଠ ଉପନ୍ୟାସ ବୋଲି ମୋତେ ଜଣାଇଛନ୍ତି । ତା'ର ସୁନ୍ଦର ସମାଲୋଚନାଟିଏ ମଧ୍ୟ ଲେଖିଛନ୍ତି । ଏ ପର୍ଯ୍ୟନ୍ତ ସାମୂହିକ

ଭାବରେ ମୋର କୌଣସି ବହି ସବୁଠାରୁ ବେଶୀ ଆଲୋଚିତ ବା ପ୍ରଶଂସିତ ହୋଇଛି- ଏହା କହିବାକୁ ଆହୁରି ସମୟ ଆସିନାହିଁ। ଅବଶ୍ୟ ଦେଶ ବିଦେଶରେ ହେଉଥିବା ଅନେକ ସମୀକ୍ଷା ମୋ ଗୋଚରକୁ ଆସେ ନାହିଁ।

**ପ୍ରସାଦ :** *ପୁରସ୍କାରମାନେ ଆପଣଙ୍କ ନିକଟକୁ ଆସି ନିଜେ ପୁରସ୍କୃତ ହୁଅନ୍ତି। ସମ୍ମାନଗୁଡ଼ିକ ନିଜେ ସମ୍ମାନିତ ହେବାପାଇଁ ଆପଣଙ୍କୁହିଁ ଖୋଜନ୍ତି। ମାତ୍ର ଏ ପୁରସ୍କାର କିମ୍ବା ସମ୍ମାନ ଆପଣଙ୍କ ଉପରେ କିଛି ପ୍ରଭାବ ପକାଏ କିମ୍ବା ପ୍ରତିକ୍ରିୟା ସୃଷ୍ଟି କରେ କି?*

**ମନୋଜ ଦାସ :** ସାମାନ୍ୟ, ଅତି ସାମାନ୍ୟ। ପ୍ରଭାବର ଅନେକ ମାତ୍ରାଭେଦ ରହିଛି। କିଏ ତା ଜୀବନରେ ପୁରସ୍କାରର ଆଶାରଖି ହୁଏତ ଲେଖୁଥିବେ। ଅବଶ୍ୟ ସେଭଳି ଲେଖକ କମ୍ ଥିବେ ଯିଏ କେବଳ ପୁରସ୍କାର ଆଶାରେହିଁ ଲେଖୁଥିବେ। ସଚ୍ଚା ଲେଖକ ସେମିତି କେବେ କରିବେ ନାହିଁ। ସେଭଳି ଆଶାୟୀ ଲେଖକ ଉପରେ ପୁରସ୍କାରର ବେଶ୍ କିଛି ପ୍ରଭାବ ପଡ଼ିବ। ମୋର ଯେହେତୁ ସେଭଳି ଅଭିଳାଷ କେବେବି ନଥିଲା ତେଣୁ ପ୍ରଭାବ ବୋଲି ମୁଁ କହିବି ନାହିଁ ବରଂ ପ୍ରତିକ୍ରିୟା ବୋଲି କହିବି। ପ୍ରତିକ୍ରିୟା ହେଉଛି ଯେ ମୁଁ ତାକୁ ଗ୍ରହଣ କରେ ମୋ ପକ୍ଷରୁ ପାଠକ ସମାଜ ପ୍ରତି କୃତଜ୍ଞ ହେବାର ଏକ ସୁଯୋଗ ଭାବରେ; ଯେହେତୁ ସେମାନେ ତାକୁ ସ୍ୱୀକାର କରୁଛନ୍ତି। ଯେଉଁ ସ୍ୱୀକୃତି ତାଙ୍କ ମନ ଭିତରେ ଥିଲା ସ୍ଥୂଳ ଭାବରେ ସେ ସ୍ୱୀକୃତି ସେମାନେ ପୁରସ୍କାର ରୂପରେ ଦେଉଛନ୍ତି। ତେଣୁ ମୁଁ କୃତଜ୍ଞ। ଏହାକୁ ଆପଣ ପ୍ରଭାବ କହିପାରନ୍ତି, ପ୍ରତିକ୍ରିୟା କହିପାରନ୍ତି।

**ପ୍ରସାଦ :** *ଆପଣ ଏକ ନିର୍ଦ୍ଦିଷ୍ଟ ଆଦର୍ଶରେ ବିଶ୍ୱାସ କରୁଥିବା ସମୟରେ ହଠାତ୍ ନିଜର ମାର୍ଗ ପରିବର୍ତ୍ତନ କଲେ। ସାମ୍ୟବାଦରୁ ଅଧ୍ୟାତ୍ମବାଦ। ଈଶ୍ୱରଙ୍କୁ ଅସ୍ୱୀକାର କରିବା ପର୍ଯ୍ୟାୟରୁ କେବଳହିଁ ଈଶ୍ୱରଙ୍କୁ ସ୍ୱୀକାର କରିବା ପର୍ଯ୍ୟାୟ। ଏ ସମ୍ପର୍କୀୟ କିଛି ଅନୁଭବ କହିବେ?*

**ମନୋଜ ଦାସ :** ମୁଁ ଆଗରୁ କହିଛି ମୋର ସନ୍ଧାନର ଦୁଇଟି ପର୍ଯ୍ୟାୟ। ତେଣୁ ଏ ତଥାକଥିତ ମାର୍ଗ ପରିବର୍ତ୍ତନ ଯୋଗୁଁ ବିଶେଷ କିଛି ମୋ ଭିତରୁ ଆଲୋଡନ ସୃଷ୍ଟି ହୋଇନାହିଁ। ଯାହା ବାହାରକୁ ହଠାତ୍ ମନେହୁଏ ତାହା ପ୍ରକୃତରେ ହଠାତ୍ ନୁହେଁ। ତାହା ଏକ ବ୍ୟକ୍ତିଗତ କ୍ରମବିକାଶ ବୋଲି ଆପଣ କହିପାରନ୍ତି। ଧୀରେ ଧୀରେ ମୋର ଚେତନା ଯେତିକି ଯେତିକି ପାକଳ ହେଉଥିଲା ଏବଂ ଯେତିକି ଯେତିକି ବୋଧଶକ୍ତି ଉନ୍ନତ ହେଉଥିଲା, ସେତିକି ସେତିକି ପରିବର୍ତ୍ତନ ପାଇଁ ମୁଁ ନିଜ ଭିତରେ ପ୍ରସ୍ତୁତ ହେଉଥିଲି। ତେଣୁ ପରିବର୍ତ୍ତନ ଆକସ୍ମିକ ନୁହେଁ।

**ପ୍ରସାଦ :** *୧୯୬୩ରେ ଆପଣ ପ୍ରଥମେ ଶ୍ରୀମା'ଙ୍କୁ ଦର୍ଶନ କଲେ। ସାଙ୍ଗେ ସାଙ୍ଗେ ସେ ଭଗବତୀ ବୋଲି ମଧ୍ୟ ଅକ୍ଳେଶରେ ଅନୁଭବ କଲେ। ନିତାନ୍ତ ବ୍ୟକ୍ତିଗତ ହୋଇ ନଥିଲେ ଶ୍ରୀମାଙ୍କୁ ବ୍ୟକ୍ତିଗତ ସାକ୍ଷାତର କିଛି ଅନୁଭୂତି କହିବେ କି?*

**ମନୋଜ ଦାସ :** ଅଭିଜ୍ଞତା ଦୁଇ ପ୍ରକାରର। ଗୋଟିଏ ପ୍ରଶାନ୍ତ, ସ୍ନିଗ୍ଧ, ଅନୁଚ୍ଚାରିତ ଅଭିଜ୍ଞତା, ଯେଉଁଟି ଚେତନାରେ ଘଟି ଚାଲିଥାଏ ଏବଂ ଯାହାକୁ ଅନୁଭବୀହିଁ କେବଳ ବ୍ୟକ୍ତିଗତ ଭାବରେ ଅନୁଭବ କରିପାରେ। ଦ୍ୱିତୀୟ ଧରଣର ଅଭିଜ୍ଞତା କୌଣସି ଗୋଟାଏ miracle, ତାତ୍ପର୍ଯ୍ୟପୂର୍ଣ୍ଣ କୌଣସି ଗୋଟିଏ ସ୍ୱପ୍ନ, କୌଣସି ଗୋଟିଏ vision ଭାବରେ ଆସେ। ମୋର ଦ୍ୱିତୀୟ ଅଭିଜ୍ଞତା ତ ନିଶ୍ଚୟ ଅଛି, କିନ୍ତୁ ସେଗୁଡ଼ିକ ଏଭଳି ସୂକ୍ଷ୍ମ ଏବଂ ବ୍ୟକ୍ତିଗତ ସ୍ତରରେ ଅଛି ଯେ ତାକୁ ଭାଷାଗତ ରୂପ ପ୍ରଦାନ କଲେ ତାହା କାହାର ବିଶେଷ ଉପକାର କଲାଭଳି ମୋର ମନେହେଉନାହିଁ। ତେବେ ଏତିକି କହିବି, ମୋର ମୁଖ୍ୟ ଅଭିଜ୍ଞତା ହେଉଛି ପ୍ରଥମ ଧରଣର ଯେଉଁଟା miracle ନୁହେଁ। କିନ୍ତୁ miracle ମଧ୍ୟ; ଆପଣ ଯେପରି ଗୋଟିଏ ଫୁଲକୁ miracle ବୋଲି କହିପାରନ୍ତି, ଯଦି ଆମେ ତା' ଉପରେ ଟିକିଏ ଦୃଷ୍ଟି ନିବଦ୍ଧ କରିବା ତେବେ ଦେଖିବା କେତେବଡ଼ miracle ଟିଏ କେତେ ଚମତ୍କାର, ସୁନ୍ଦର ରଙ୍ଗର ସମାବେଶ, କି ସୁନ୍ଦର ବାସ୍ନା। କିପରି ସମ୍ଭବ ହେଲା? ଏଇ ମାଟି, ଏଇ ସାଧାରଣ ସୂର୍ଯ୍ୟାଲୋକ, ଯେଉଁ ପାଣି, ଯେଉଁ ପବନକୁ ଆମେ ଦେଖୁଛୁ ସବୁ ଦିନ, ଯାହା ଭିତରେ ସାମାନ୍ୟତମ ରଙ୍ଗ କିଛି ନାହିଁ, କିଛି ବାସ୍ନା ନାହିଁ, କିଛି ସଂହତିର ଯୋଜନା ନାହିଁ। ଅଥଚ ସେହିସବୁ ମଧ୍ୟରୁ ସୃଷ୍ଟି ହେଉଛି ଫୁଲଟିଏ। ଅଦ୍ଭୁତ। ଏକ ବିରାଟ miracle, ଅଥଚ ଆମେ ତାକୁ miracle ବୋଲି ସ୍ୱୀକାର କରୁନା। ମୋର ଯାହା ଚେତନାରେ ଘଟିଥିବ ତାହା ସେହି ଜାତୀୟ miracle, ଯାହାର କୌଣସି ଉଚ୍ଚାରିତ ରୂପ ନାହିଁ। କିନ୍ତୁ ମୁଁ ନିଜେ ଜାଣେ ସିଏ ଗୋଟିଏ ଅନୁଚ୍ଚାରିତ ବୈଶିଷ୍ଟ୍ୟ। ଏକ ସୂକ୍ଷ୍ମ ଅଭିଜ୍ଞତା। ସେ ଅଭିଜ୍ଞତାର ମୂଲ୍ୟ ଭାଷାରେ ପ୍ରକାଶକ୍ଷମ miracle ଅପେକ୍ଷା ବହୁତ ବେଶୀ ଅଧିକ।

**ପ୍ରସାଦ :** *ଶ୍ରୀମା ଶ୍ରୀଅରବିନ୍ଦଙ୍କ ଆଶ୍ରୀତ ହେବାପରେ ଆପଣ ସେମାନଙ୍କ ରଚନାରେ ପ୍ରଭାବିତ ହେବା ସ୍ୱାଭାବିକ। ଏକ ବାସ୍ତବ, ସ୍ୱୀକୃତ, ପ୍ରମାଣିତ, ଆଲୋକମୟ, ଆନନ୍ଦମୟ, ଭବିଷ୍ୟତ ସୃଷ୍ଟିର ଯେଉଁ ଘୋଷଣା- ଏହାର ପ୍ରଭାବ ଆପଣଙ୍କର ପରବର୍ତ୍ତୀ ରଚନାମାନଙ୍କରେ ଅନୁଭବ ହୁଏ। ତଥାପି ଶାଣିତ ବ୍ୟଙ୍ଗ, ମନସ୍ତତ୍ତ୍ୱ, ଭାବପ୍ରବଣତା ସବୁ ପୂର୍ବପରି ମଧ୍ୟ ଆପଣଙ୍କ ରଚନାରେ ପ୍ରତିଫଳିତ। ଏ ଉଭୟର ସାମଞ୍ଜସ୍ୟ ଆପଣଙ୍କ ପାଇଁ ସ୍ୱାଭାବିକ କି?*

**ମନୋଜ ଦାସ :** ଅତ୍ୟନ୍ତ ସ୍ୱାଭାବିକ। କାରଣ ମୁଁ କେତେବେଳେ ବି କୌଣସି ଶୈଳୀକୁ ଉଦ୍ଭାବନ କରେ ନାହିଁ। ଯେତେବେଳେ ଗୋଟିଏ ବିଷୟବସ୍ତୁ ନିର୍ଦ୍ଧାରିତ ହୋଇଯାଏ ଅର୍ଥାତ୍ ପ୍ରେରଣା ରୂପେ ବିଷୟ ବସ୍ତୁଟି ମୋ ପାଖକୁ ଆସେ ତାକୁ ରୂପଦାନ କଲାବେଳେ ତା'ପାଇଁ ଯେଉଁ ଶୈଳୀ ପ୍ରୟୋଜନ, ବ୍ୟଙ୍ଗ ପ୍ରୟୋଜନ ହୋଇଥିବ

ତ ବ୍ୟଙ୍ଗ ଆସିଯିବ। ଯଦି କୌଣସି ପ୍ରକାରର ଉଦାରଭାବ ପ୍ରୟୋଜନ ହୋଇଥିବ କିମ୍ବା ବିତୃଷ୍ଣା କି ଦୁଃଖର ଭାବ ପ୍ରୟୋଜନ ହୋଇଥିବ ଅଥବା କୌଣସି ପ୍ରକାର ସୁଖର ସାମାନ୍ୟ ଉଷ୍ମତା ପ୍ରୟୋଜନ ହୋଇଥିବ, ସେ ସବୁ ସତଃସ୍ଫୁର୍ତ୍ତ ଭାବରେ ଆସିଯିବେ। ତେଣୁ କୌଣସି ସତନ୍ତ୍ର ଚେଷ୍ଟାର ଆବଶ୍ୟକ ହୁଏ ନାହିଁ।

**ପ୍ରସାଦ :** *ଶ୍ରୀଅରବିନ୍ଦଙ୍କ ଅନେକ ସୃଷ୍ଟିକୁ ଆପଣ ଆଲୋଚନା କରନ୍ତି ମାତ୍ର "ସାବିତ୍ରୀ" ସମ୍ପର୍କରେ ଆଲୋଚନା କଲାବେଳେ ଆପଣ ସେଥିରୁ ଯାତ ରୁହନ୍ତି। ଏ ସମ୍ପର୍କରେ କୌଣସି ସତନ୍ତ୍ର ଅନୁଭବ ଅଛି କି?*

**ମନୋଜ ଦାସ :** ନିଶ୍ଚୟ ଅଛି। ମୋର ମନେପଡୁଛି ଗୋଟିଏ ଘଟଣା। ବୃନ୍ଦାବନରେ ସ୍ୱାମୀ ହରିଦାସଙ୍କ ଆଶ୍ରମର ବର୍ତ୍ତମାନ ଅଧିକାରୀ ଜଣେ ନୈଷ୍ଠିକ ବୈଷ୍ଣବ ଏବଂ ଜଣେ ପ୍ରାମାଣ୍ୟ ଦାର୍ଶନିକ। ପ୍ରାଚୀନ ପୋଥୀପତ୍ର ଏବଂ ଦର୍ଶନ ଶାସ୍ତ୍ର ସମ୍ବନ୍ଧରେ ଜଣେ ଅସାମାନ୍ୟ ପଣ୍ଡିତ। ତାଙ୍କୁ ପଚାରିଲି: ସାରା ବୃନ୍ଦାବନରେ ରାଧାଙ୍କ ପ୍ରାଧାନ୍ୟ। ସବୁ ଆଡ଼େ ରାଧା, ତା'ପରେ କୃଷ୍ଣ। କିନ୍ତୁ ବ୍ୟାସଦେବ ରାଧାଙ୍କ ବିଷୟରେ କାହିଁକି କୌଣସି ସ୍ଥାନରେ କିଛି ଉଲ୍ଲେଖ କରିନାହାନ୍ତି ? ଶ୍ରୀମଦ୍ ଭାଗବତରେ ବ୍ୟାସଦେବ କୌଣସିଠାରେ ରାଧାଙ୍କ ବିଷୟରେ କିଛି ବି ଲେଖିନାହାନ୍ତି। ଏଇଟା କିପରି ସମ୍ଭବ ହେଲା ? ବ୍ୟାସଦେବଙ୍କ ରଚନା ଶ୍ରୀକୃଷ୍ଣଙ୍କ ଉପରେ ସର୍ବାଧିକ ପ୍ରାମାଣ୍ୟ। ହରିବଂଶ, ମହାଭାରତ ଏବଂ ଭାଗବତ ଏ ସବୁ ଶ୍ରୀକୃଷ୍ଣ ସମ୍ପର୍କିତ ଅନବଦ୍ୟ କୃତି, ମାତ୍ର ଶ୍ରୀମଦ୍ ଭାଗବତ ତ ମୁଖ୍ୟ। କିନ୍ତୁ ରାଧାଙ୍କ ସମ୍ପର୍କରେ କିଛି ନାହିଁ ସେଥିରେ। ସେ ଉତ୍ତର ଦେଲେ, ଯେତେବେଳେ ବ୍ୟାସଦେବ ରାଧାଙ୍କ ସମ୍ପର୍କରେ ଲେଖିବାକୁ ଯାଉଥିଲେ, ତାଙ୍କ ହାତ ସ୍ଥବିର ହୋଇଯାଉଥିଲା। ରାଧା ଏତେ ବଡ଼ ଶକ୍ତି ଏବଂ ଏତେ ବଡ଼ ଅବ୍ୟକ୍ତ ପ୍ରାୟ ଏକ ଶିହରଣ, ତାଙ୍କ ବିଷୟ ଭାଷାରେ ଲେଖିବା ସମ୍ଭବପର ନୁହେଁ। ଏହା ହେଉଛି ତାଙ୍କର ବ୍ୟାଖ୍ୟା। ମୁଁ ଏହା ସତ କି ମିଛ ଜାଣେନା। ମୋର ଧାରଣା ବ୍ୟାସଦେବ ଯାହା ଲେଖିଛନ୍ତି ସେ ସବୁ ବାସ୍ତବରେ ସ୍ଥୁଳ ଏବଂ ସୂକ୍ଷ୍ମର ସମାବେଶ; କିନ୍ତୁ ରାଧା ସମ୍ପୂର୍ଣ୍ଣ ସୂକ୍ଷ୍ମ। ଏତେ ସୂକ୍ଷ୍ମ ଯେ ତାଙ୍କୁ କେବଳ ଚେତନାରେ ଅନୁଭବ କରାଯାଇପାରେ। ତାଙ୍କୁ ବର୍ଣ୍ଣନା କରାଯାଇପାରେନା; କଲେ ତାହା ହାଲୁକା, ଏପରିକି ବିକୃତ ହୋଇଯାଏ ଠିକ୍ ସେଇଭଳି ଭାବରେ 'ସାବିତ୍ରୀ' ମୁଁ ପଢ଼େ। ମୋର ଯେଉଁ ଅନୁଭୂତି ହୁଏ, ତା'ଉପରେ କିଛି କହିବାଟା ମତେ ଲାଗେ ମୁଁ ଯେମିତି ସତରେ ... କ'ଣ କହିବି... ସତରେ ସୂର୍ଯ୍ୟଙ୍କ ଆଲିଙ୍ଗନ କରିବାକୁ ଚେଷ୍ଟା କରୁଚି ବା ଗୋଟିଏ ନକ୍ଷତ୍ରକୁ ଆଣି ପକେଟରେ ପୂରାଇବାକୁ ଚେଷ୍ଟା କରୁଛି। ସାବିତ୍ରୀ... ଯେପରି ପ୍ରେମ କ'ଣ... ସେସବୁ ଉପରେ ଧ୍ୟାନ କଲେ ମୋର ଶ୍ୱାସରୁଦ୍ଧ- ପ୍ରାୟ ଅବସ୍ଥା ହୋଇଯାଏ; ଗତିରୋଧ ହୋଇଯାଏ। ଦିବ୍ୟପ୍ରେମ କ'ଣ, ରାଧାଙ୍କ ପ୍ରେମ କ'ଣ ? 'ସାବିତ୍ରୀ' କାବ୍ୟ ସମ୍ପର୍କରେ କହିବାକୁ ଗଲାବେଳେ ମୋତେ ଠିକ୍ ସେମିତି ଲାଗେ। ମୁଁ ସେଇଠି ସ୍ତବ୍ଧ ହୋଇ ରହିଯାଏ।

**ପ୍ରସାଦ :** *ଆପଣ ଏ ପର୍ଯ୍ୟନ୍ତ ଅଧ୍ୟାପନା ଜାରୀ ରଖିଛନ୍ତି। ଏକ ଅତ୍ୟନ୍ତ ଉଚ୍ଚକୋଟୀର ଶିକ୍ଷକ ହିସାବରେ ମଧ୍ୟ ଆପଣ ଆଦୃତ। ଆପଣ ନିଜେ ଏଇ କାର୍ଯ୍ୟଟିକୁ କେତେ ଉପଭୋଗ କରନ୍ତି ?*

**ମନୋଜ ଦାସ :** ହଁ, ଉପଭୋଗ ଠିକ୍ 'ଭୋଗ' ଅର୍ଥରେ ନୁହେଁ। କିନ୍ତୁ ଯେତେବେଳେ ବିଶେଷ କରି ମୁଁ ଗୋଟିଏ ସାହିତ୍ୟର ସୂକ୍ଷ୍ମଦିଗକୁ ଉପସ୍ଥାପନ କରିବାରେ ସମର୍ଥ ହୁଏ ସେତେବେଳେ ମୋର ମନେହୁଏ ଯେ ମୁଁ ଗୋଟାଏ ବିଶେଷ ଶକ୍ତିର ବା ଭାବର ସେବକ ଭାବରେ କିଛି କାର୍ଯ୍ୟ କରୁଛି। କାରଣ ସବୁବେଳେ ଏକ ମହତ ଶକ୍ତି ତା'ର ସମସ୍ତ ରହସ୍ୟ ଖୋଲିଦେବାକୁ ଚେଷ୍ଟା କରୁଛି ମଣିଷ ଚେତନା ଭିତରେ। ଯେଉଁମାନେ ତା'ର ସେହି ସ୍ରୋତରେ ଗୋଟିଏ ଗୋଟିଏ ସୂତ୍ରଧର ହୋଇପାରୁଛନ୍ତି, ମାନେ metaphysically ନୁହେଁ, ଯେଉଁ ସ୍ରଷ୍ଟାମାନେ ପ୍ରକୃତି ସହ ନିଜକୁ ସାମିଲ କରି ପ୍ରକୃତି ନିହିତ ନାନାଦି ରହସ୍ୟ ଉନ୍ମୋଚିତ କରିବା ପାଇଁ ବ୍ୟଗ୍ରତା ନିଜ ଭିତରେ ରଖିଛନ୍ତି. ଯେଉଁ ଲେଖକଙ୍କର ଚେତନା ସେସବୁ ରହସ୍ୟର ବାହକ ହୋଇଛନ୍ତି, ଶିକ୍ଷକ ଭାବରେ ମୁଁ ଯେତେବେଳେ ସେହିସବୁ ଲେଖକଙ୍କୁ ବ୍ୟାଖ୍ୟା କରିବାର ଭୂମିକାକୁ ତୁଲାଉଚି, ସେତେବେଳେ ନିଶ୍ଚିତ ଭାବରେ ମୋର ଗୋଟିଏ ସନ୍ତୋଷ ଆସେ। ଉପଭୋଗ ବୋଲି ମୁଁ କହିବି ନାହିଁ। ସନ୍ତୋଷ ଆସେ ନିଶ୍ଚୟ ଏବଂ ବିଶେଷ କରି ଶ୍ରୀଅରବିନ୍ଦଙ୍କ ବହି ମୁଁ ପଢ଼ାଏ। ଛାତ୍ରମାନଙ୍କ ପାଖରେ ଏକ ବିରାଟ ଧାରଣା, ଏକ ଅଭାବନୀୟ ଭାବନା, ଗୋଟିଏ ମହତ୍ ଭାବ ଉପସ୍ଥାପନା କରିବାର ସୁଯୋଗ ମିଳେ। ସେତେବେଳେ ଗୋଟିଏ ଅନିର୍ବଚନୀୟ ସନ୍ତୋଷ ନିଶ୍ଚୟ ଆସେ।

**ପ୍ରସାଦ :** *ଆପଣଙ୍କର କୌଣସି କୃତି କାମଚଳା (casual) ନୁହେଁ। ସମାଜର କୌଣସି କୌଣସି ନିର୍ଦ୍ଦିଷ୍ଟ ବର୍ଗର ବ୍ୟକ୍ତିବିଶେଷଙ୍କୁ ଆପଣଙ୍କର କୃତିଗୁଡ଼ିକ ପ୍ରଭାବିତ କରେ। ମାତ୍ର ଆପଣ ଆପଣଙ୍କର ଅଗ୍ରଜ, ସମସାମୟିକ ବା ଅନୁଜ କେଉଁମାନଙ୍କ ପ୍ରତି ଅଧିକ ଦାୟିତ୍ୱଶୀଳ ବୋଲି ନିଜକୁ ମନେକରନ୍ତି ?*

**ମନୋଜ ଦାସ :** ମୁଁ ମନେକରେନା। ବାସ୍ତବିକ ଯେ ମୋର ସେ ଅଧିକାର ଅଛି- କାହାପ୍ରତି ଦାୟିତ୍ୱବାନ ବୋଲାଇବାର ବା ଦାୟିତ୍ୱ ଅନୁଭବ କରିବାର ମୋର ଗୋଟିଏ କର୍ତ୍ତବ୍ୟ, ଏଇଟା ମୋ ମନକୁ କେବେ ଆସି ନାହିଁ। କାରଣ ସମସ୍ତ ଦାୟିତ୍ୱ, ମୁଁ ଜାଣେ, ଗୋଟିଏ ମହାଶକ୍ତି ନିର୍ବାହ କରି କରି ଚାଲିଛି। ଏବଂ ସେହି ଶକ୍ତିର ଯାହା କରଣୀୟ, ପ୍ରତ୍ୟେକ ଚେତନା ମଧ୍ୟରେ ସେ କରି ଚାଲିଛି। ଏବଂ ପ୍ରତ୍ୟେକ ବ୍ୟକ୍ତିର ଯେଉଁ ଗ୍ରହଣଶୀଳତା, ତା'ର ଅଭୀପ୍ସା ଏବଂ ତା'ର ମାତ୍ରା ଉପରେ ସେହି ଶକ୍ତିର ଭୂମିକା ନିର୍ଭର କରୁଛି। ତେଣୁ କାହାପ୍ରତି ଦାୟିତ୍ୱଶୀଳ ବୋଲାଇବାର ଅଧିକାର କିମ୍ବା ଆସ୍ପର୍ଦ୍ଧା

ମୋ ଭିତରକୁ କେମିତି ଆସିବ ? ବାସ୍ତବିକ ମୁଁ ସେ ବିଷୟରେ କେବେବି ଚିନ୍ତା କରିନି ।

**ପ୍ରସାଦ :** *ଶ୍ରୀଅରବିନ୍ଦ ଏବଂ ଶ୍ରୀମାଙ୍କୁ ଯଦି ଆମେ ମନୁଷ୍ୟ ତାଲିକାରେ ନରଖୁ ତେବେ ତାଙ୍କ ଭିନ୍ନ ଆପଣ ବ୍ୟାସ, ବାଲ୍ମିକୀ, କାଳିଦାସ, ବିଷ୍ଣୁଶର୍ମା, ଫକୀର ମୋହନ ଏବଂ ପରବର୍ତ୍ତୀ ଅବସ୍ଥାରେ ବାବାଜି ମହାରାଜ, ନଳିନୀଦା ପ୍ରଭୃତି କେତୋଟି ବ୍ୟକ୍ତିଙ୍କ ଦ୍ୱାରା ଗଭୀର ଭାବରେ ଅନୁପ୍ରାଣୀତ ବୋଲି ମନେହୁଅନ୍ତି । ଏ ସମ୍ପର୍କରେ ଆପଣଙ୍କର ମତାମତ ?*

**ମନୋଜ ଦାସ :** ପ୍ରତ୍ୟେକ ମନୁଷ୍ୟ ସର୍ବଦା ତା'ର ପରିବେଶର କୌଣସି ନା କୌଣସି ବ୍ୟକ୍ତି ବିଶେଷ ଦ୍ୱାରା ପ୍ରଭାବିତ ହୋଇଚାଲିଛି । ମୁଁ ସେ ପ୍ରଭାବକୁ ଗୋଟିଏ ଆନ୍ତର ପ୍ରଭାବ ବୋଲି କହୁନି, କିନ୍ତୁ କିଛି ନା କିଛି ପ୍ରଭାବ ସବୁବେଳେ ରହିଛି । ଯେଉଁମାନଙ୍କର ନାମ ଆପଣ କହିଗଲେ ସେମାନେ ସମସ୍ତେ ମୋର ଶିକ୍ଷକ ପର୍ଯ୍ୟାୟର ବ୍ୟକ୍ତି ଏବଂ ସେ ସମସ୍ତଙ୍କଠାରୁ ଅନିର୍ବାର୍ଯ୍ୟ ଭାବରେ ମୁଁ କିଛି ନା କିଛି ଶିକ୍ଷାପ୍ରାପ୍ତ କରିଛି । ମାତ୍ର ତା' ଭିତରେ ବହୁତ ପାର୍ଥକ୍ୟ ରହିଛି । କାହାଠାରୁ ଅର୍ଦ୍ଧଗୁଚ୍ଛ, କାହାଠାରୁ ଗୋଟିଏ ଗୁଚ୍ଛ, କାହାଠାରୁ ବା ଏକାଧିକ ଗୁଚ୍ଛ ଶିକ୍ଷା ପାଇଛି । କିନ୍ତୁ ସେ ସମସ୍ତେ ମୋର ଶିକ୍ଷକ ।

**ପ୍ରସାଦ :** *ଆପଣଙ୍କର ବ୍ୟକ୍ତିତ୍ୱ ପାଇଁ ଆପଣଙ୍କୁ ସକ୍ରିୟ ରାଜନୀତିରେ ଅଂଶଗ୍ରହଣ ପାଇଁ କେବେହେଲେ ପ୍ରସ୍ତାବ, ଅନୁରୋଧ କିମ୍ବା ନିମନ୍ତ୍ରଣ ଆସିଛି କି ?*

**ମନୋଜ ଦାସ :** ଏକାଧିକ ବାର । ଆଜି ମୁଁ ସ୍ମୃତିଚାରଣ କରୁଛି । ଗତ ଶତାବ୍ଦୀର ଷଷ୍ଠ ଦଶକର କଥା । ମୁଁ କ୍ରାଇଷ୍ଟ କଲେଜରେ ଅଧ୍ୟାପକ ଥାଏ । ସେତେବେଳେ କଟକରେ ଦୁଇ ଚାରୋଟି ଲାମ୍ବ୍ରେଟା ସ୍କୁଟର ମଧ୍ୟରୁ ଗୋଟିଏ ଥିଲା ମୋର । ମୁଁ ରାଣୀହାଟରୁ ମଙ୍ଗଳାବାଗ ଯାଉଥିବା ଭିତରେ ହଠାତ୍ ପଛରୁ ଏକ ତୀବ୍ର ଡାକ ଶୁଣିଲି । ମନୋଜ, ମନୋଜ ! ମୁଁ ସେଇଠି ସ୍କୁଟର ବନ୍ଦକରି ରହିଗଲି । ଦେଖିଲି ରିକ୍ସାରେ କରୁଣାକର ପାଣିଗ୍ରାହୀ ଆସୁଛନ୍ତି । ସେ ସମୟର ବିଶିଷ୍ଟ କଂଗ୍ରେସ ନେତା । ଆବାଲ୍ୟ ମୁଁ ତାଙ୍କୁ ଜାଣିଛି । ହରେକୃଷ୍ଣ ମହତାବଙ୍କର ସେ ଥିଲେ ଅତି ଘନିଷ୍ଠ ବନ୍ଧୁ । ସେ କହିଲେ, "ସିଧା ବାଲେଶ୍ୱରରୁ ଟ୍ରେନ୍‌ରେ ଆସିଛି ଏବଂ ନୀଳମଣି ରାଉତରାୟଙ୍କ ଘରକୁ ଯାଉଛି । ସେଠାରେ ନିତ୍ୟକର୍ମ ସାରି ତୁମ ପାଖକୁ ଯାଇଥାନ୍ତି । ମୁଁ କହିଲି ମୁଁ ତ କଲେଜ ଯାଉଛି । ସେ କହିଲେ, ହଁ ଯାଉଛ ଯେ ସଂକ୍ଷେପରେ ମୋ କଥା ଶୁଣିନିଅ । ତୁମ ପାଇଁ ଗୋଟିଏ ସୁବର୍ଣ୍ଣସୁଯୋଗ । ବାଲେଶ୍ୱର ଜିଲ୍ଲା କଂଗ୍ରେସ କମିଟି ସର୍ବସମ୍ମତି କ୍ରମେ ଆସନ୍ତା ନିର୍ବାଚନରେ ତୁମକୁ ଲୋକସଭା ପ୍ରାର୍ଥୀ କରିବା ପାଇଁ ସିଦ୍ଧାନ୍ତ ନେଇଛି । ମତେ ତୁମକୁ ଜଣାଇବା ପାଇଁ ପଠାଇଛନ୍ତି । ତୁମେ ମନା କରନି । ମୁଁ ଜାଣିଚି- ଏଭଳି ସୁଯୋଗ ମିଳେନି । ସମସ୍ତେ ଏକମତ ହେବେ ଜଣକ ଉପରେ ଯିଏକି ଆଦୌ ମେମ୍ବର ବି ନୁହେଁ । ଏଭଳି ଖୁବ୍ କ୍ୱଚିତ୍ ସୁଯୋଗ ମିଳେ । ତେବେ ଚାଲ ତୁମ ସ୍କୁଟରରେ ସାଙ୍ଗହୋଇ ନୀଳମଣି ଘରକୁ ଯିବା ।" ମୁଁ କହିଲି ଆଜ୍ଞା ମୋର Ist period class. ସେ କହିଲେ, "କ'ଣ କ୍ଲାସଟା ଏତେ ଗୁରୁତ୍ୱପୂର୍ଣ୍ଣ ? ଏହା ତୁମ ଜୀବନରେ ଏକ ବିରାଟ ସୁଯୋଗ ।" ମୁଁ କହିଲି, "ହଁ ବୁଝୁଛି । ମାତ୍ର ଯେତେବେଳେ ମୋର କ୍ଲାସ ଅଛି, ସେଇଟା ମୋ ପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ । ମୋର ଦ୍ୱିତୀୟ ପିରିୟଡ୍ ନାହିଁ । ସ୍କୁଟରରେ ମୋତେ ପାଞ୍ଚମିନିଟ ଲାଗିବ । ମୁଁ ଚାଲିଆସିବି ।" ସେ କହିଲେ, "ଠିକ୍ ଅଛି, ମୁଁ ଅପେକ୍ଷା କରିଥିବି ।" ମୁଁ ପ୍ରଥମ ପିରିୟଡ୍ ନେଲି । ସ୍କୁଟର ଚଳେଇ ଆସୁଚି, ମନେମନେ ଭାବିଲି ହଁ କହିଦେବି । ନୀଳମଣି ବାବୁଙ୍କ ଘରେ ଦେଖିଲି ସେ ଏବଂ ନୀଳମଣି ବାବୁ ଉଭୟଙ୍କୁ ମହତାବ ଡକାଇ ପଠାଇବାରୁ ଉଭୟ ଯାଇଛନ୍ତି ଏବଂ ମୋତେ ଅପେକ୍ଷା କରିବାକୁ ଲେଖିଦେଇ ଯାଇଛନ୍ତି । ପୁଣି ଲେଖିଛନ୍ତି, "ଆମେ ଟେଲିଫୋନ କଲେ ତୁମେ ହୁଏତ ଭୁବନେଶ୍ୱର ଆସିବ ବା ଆମେ ଏଠାକୁ ଆସିବୁ । ଟିକେ ଅପେକ୍ଷା କରିବ, ପଳେଇ ଯିବନି ।" ମାତ୍ର ମୁଁ ପଳେଇ ଆସିଲି ଏବଂ ପଳେଇ ଆସିବା ଭିତରେ ଘରେ ପହଞ୍ଚିବା ପୂର୍ବରୁ ମୋର ମନ ପରିବର୍ତ୍ତନ ହୋଇଗଲା । ଜାଣିଲି, ଏହା ମୋ ଦେଇ ସମ୍ଭବ ନୁହେଁ । ଏଇଟା ହେଲା ପ୍ରଥମ । ଏହାପରେ ବିଭିନ୍ନ ସ୍ଥାନରେ ଅବଶ୍ୟ ଏତେଟା ଜୋର ଦେଇ ନୁହେଁ ବା ଏଭଳି ପ୍ରାମାଣ୍ୟ ଭାବରେ ନୁହେଁ, କିନ୍ତୁ ପ୍ରସ୍ତାବ ଆସିଛି । ରାଜ୍ୟସଭାକୁ ଯିବକି ଲୋକସଭା ପାଇଁ, ସେ ପ୍ରଶ୍ନ ଆସିଚି । ଯେତେବେଳେ କଂଗ୍ରେସରୁ ପ୍ରସ୍ତାବ ଆସିଲା ସେତେବେଳେ ବିଶିଷ୍ଟ କମ୍ୟୁନିଷ୍ଟ ନେତା ବନମାଳି ଦାସଙ୍କ ଠାରୁ ଖବର ଆସିଲା "ମନୋଜ, ତୁମେ ଏ ପ୍ରସ୍ତାବ ଗ୍ରହଣ କରିନିଅ । ତୁମକୁ ଆମେ କେହି ବିରୋଧ କରିବୁନି । ଆଉ ଅନ୍ୟ କୌଣସି ପାର୍ଟିର ପ୍ରଶ୍ନ ଉଠୁନି । ତୁମେ ନିର୍ଦ୍ୱନ୍ଦରେ ବି ନିର୍ବାଚିତ ହୋଇଯାଇପାର । ଯଦି କେହି ବିରୋଧ କରିବ ତାହା କେବଳ ନାମକୁ ମାତ୍ର ।" ଏଭଳି ପ୍ରସ୍ତାବ ପରେ ବହୁବାର ଆସିଛି । କିନ୍ତୁ ସେ ପ୍ରସ୍ତାବ ପ୍ରତି ଧ୍ୟାନ ଦେବାର ପ୍ରଶ୍ନ ଉଠୁନି । ମୁଁ ତ ଆଶ୍ରମରେ ଅଛି ।

**ପ୍ରସାଦ :** *ଶ୍ରୀମା କହିଥିଲେ, ଯଦି କିଛି ବ୍ୟକ୍ତି ସାଧନା କରି ନିଜକୁ ପ୍ରସ୍ତୁତ କରିପାରିଥାନ୍ତେ, ତେବେ ହୁଏତ ଶ୍ରୀଅରବିନ୍ଦଙ୍କୁ ଶରୀର ଛାଡ଼ିବାକୁ ପଡ଼ିନଥାନ୍ତା । ପରେ ପୁଣି ଶ୍ରୀମା ମଧ୍ୟ ଶରୀର ଛାଡ଼ିଲେ । ତେବେ ଅନେକ ବ୍ୟକ୍ତି ସାଧନା କରୁଥିଲେ ମଧ୍ୟ ସେ ସବୁ ସାଧନାର ପ୍ରଭାବ ଅନୁଭୂତ ହେଉନାହିଁ କାହିଁକି ?*

**ମନୋଜ ଦାସ :** ସାଧନାର ପ୍ରଭାବ କାହିଁକି ଅନୁଭୂତ ହେଉନାହିଁ- ଏହା ମୋ ପାଇଁ ଏକ ଜଟିଳ ପ୍ରଶ୍ନ । କିଏ ଅନୁଭବ କରିପାରୁନାହିଁ ? ଯେଉଁମାନେ ସାଧନା କରୁଛନ୍ତି ସେମାନେ ନିଶ୍ଚୟ ଅନୁଭବ କରୁଥିବେ ଏବଂ ଯଦି କେହି ବ୍ୟକ୍ତି କିଞ୍ଚିତ ଭାବରେ

ଗୋଟିଏ ଆନ୍ତର ଜୀବନଯାପନ କରୁଥିବେ କିମ୍ବା ଆନ୍ତର ଜୀବନକୁ ଯାଇ ମଝିରେ ମଝିରେ ପୃଥିବୀର ବାତାବରଣର ସ୍ପନ୍ଦନ ଅନୁଭବ କରିବାକୁ ଚେଷ୍ଟା କରୁଥିବେ, ମୁଁ ତ କହିବି ସେ ନିଶ୍ଚୟ ସ୍ୱୀକାର କରିବେ ଯେ ଗୋଟାଏ ନୂତନ ଶକ୍ତି ବର୍ତ୍ତମାନ ପୃଥିବୀର ବାତାବରଣରେ କାର୍ଯ୍ୟରତ। ମନୁଷ୍ୟର ଦୁର୍ଭାଗ୍ୟ ଯେ ଏପର୍ଯ୍ୟନ୍ତ ଏକ ସାମୂହିକ ଅଭୀପ୍ସା ସୃଷ୍ଟି ହୋଇପାରି ନାହିଁ, ଯାହାଦ୍ୱାରା ସେଇ ଶକ୍ତି ସାର୍ବଜନୀନ ଭାବେ ଅନୁଭୂତ ହୋଇପାରିବ। କିନ୍ତୁ ବ୍ୟକ୍ତିଗତ ଭାବେ ମୋର ମନେହୁଏ ଯେ ଆମେ ସମସ୍ତେ କିଛି ନା କିଛି ଭଣା ଅଧିକେ ଏକ ନୂତନ ଶକ୍ତିର କାର୍ଯ୍ୟକାରିତା ସମ୍ପର୍କରେ ଅନୁଭବ କରିପାରିବା, ଯଦି ଆମେ ଟିକିଏ ଅନ୍ତର୍ମୁଖୀ ହେବା ଏବଂ ଏ ଶକ୍ତିପ୍ରତି ଟିକିଏ ଆମେ ନିଜକୁ ଉନ୍ମୀଳିତ କରିପାରିବା। ତେଣୁ ମୁଁ କହିପାରିବିନି ଯେ ହେଉ ନାହିଁ ବୋଲି। ମୋର ବ୍ୟକ୍ତିଗତ ଅନୁଭୂତି ହେଲା- ହେବା ଉଚିତ, ହୋଇପାରିବ ଏବଂ ହୋଇପାରୁଚି ମଧ୍ୟ।

**ପ୍ରସାଦ :** *ବର୍ତ୍ତମାନ ପୃଥିବୀର ଅବସ୍ଥାକୁ ଦେଖିଲେ ଶ୍ରୀଅରବିନ୍ଦଙ୍କ ଘୋଷିତ ନୂତନ ପୃଥିବୀ ବା ଅତିମାନସ ସତ୍ୟଯୁଗର ପ୍ରତିଷ୍ଠା- କେତେ ବାସ୍ତବ ଲାଗେ ?*

**ମନୋଜ ଦାସ :** ଅତ୍ୟନ୍ତ ବାସ୍ତବ ଲାଗୁଛି। କାରଣ ଏତିକି ମୋର ଯୌକ୍ତିକ ମନ ମତେ କହୁଛି ଏହାର ବିକଳ୍ପ କିଛି ନାହିଁ। ଏ ସମଗ୍ର ବିବର୍ତ୍ତନ ଯେଉଁ ଧାରା, ତା'ର ଗୋଟିଏ ଅନିର୍ବାର୍ଯ୍ୟ ଭବିଷ୍ୟତ ରହିଛି। ଏହାର ଏକ ଚୂଡ଼ାନ୍ତ ପରିଣତି ରହିଛି। ମୋର ଯୌକ୍ତିକ ମନ ମତେ କହୁଛି (ଅନ୍ତର୍ନିହିତ ଅନୁଭବକୁ ଛାଡ଼ି ଦିଅନ୍ତୁ) ଯେ ଏହାର ବିକଳ୍ପ କିଛି ନାହିଁ। ଏହା ନିଶ୍ଚିତ ଭାବରେ, ଅନିର୍ବାର୍ଯ୍ୟ ଭାବରେ ହେବ।

**ପ୍ରସାଦ :** *ତତ୍କାଳୀନ କଟକ ଜିଲ୍ଲା ଏବଂ ବର୍ତ୍ତମାନର ଜଗତ୍‌ସିଂହପୁର ଜିଲ୍ଲାର କୁଜଙ୍ଗ ରାଜପରିବାରର ଆପଣ ଜ୍ୱାଇଁ। ଆପଣଙ୍କର ପତ୍ନୀ ପ୍ରତିଜ୍ଞା ଦେବୀ, ତାଙ୍କର ମାତା ରତ୍ନମାଳୀ ଜେମା, ଭାଇ ବିଶ୍ୱମ୍ବର ସାମନ୍ତ, ଭଉଣୀ ବାଣୀ ସାମନ୍ତ ପ୍ରଭୃତି ଆପଣଙ୍କ ପୂର୍ବରୁ ଶ୍ରୀମା'ଙ୍କ ଆଶୀର୍ବାଦ ପ୍ରାପ୍ତ ହୋଇସାରିଥିଲେ ଏବଂ ସେମାନଙ୍କର ପ୍ରଭାବରୁ ସେସବୁ ଅଞ୍ଚଳରେ ଅନେକ ମାତୃକର୍ମ ହୋଇପାରିଥିଲା। ଆପଣଙ୍କ ଉପରେ ଏଇସବୁ ବ୍ୟକ୍ତିମାନଙ୍କର କିଛି ପ୍ରଭାବ ପଡ଼ିଥିଲା କି ?*

**ମନୋଜ ଦାସ :** ଗଭୀର ପ୍ରଭାବ ପଡ଼ିଛି। ଏମାନଙ୍କର ସଦିଚ୍ଛା ଏବଂ ଶୁଭେଚ୍ଛା ବିନା ମୁଁ କେବେବି ଶ୍ରୀଅରବିନ୍ଦ ଆଶ୍ରମରେ ହଠାତ୍ ଆସି ରହିଯାଇପାରି ନଥାନ୍ତି। ପ୍ରତିଜ୍ଞାଦେବୀ ମଧ୍ୟ ରହିପାରିନଥାନ୍ତେ। ଏମାନେ ସମସ୍ତଙ୍କ ପ୍ରତି ମୋର କୃତଜ୍ଞତା ସହଜରେ ଭାଷାରେ ପ୍ରକାଶ କରିପାରିବିନି। ବିଶ୍ୱମ୍ବର ବାବୁଙ୍କଠାରୁ ମୁଁ ପ୍ରଥମେ Life Divine ବହି ପାଇଥିଲି। ଶ୍ରୀଅରବିନ୍ଦଙ୍କ ସମ୍ପର୍କରେ ସାମାନ୍ୟ ଜ୍ଞାନ ତାଙ୍କଠାରୁ ପ୍ରଥମେ ଆହରଣ କରିଥିଲି। ଆଉ ନିଜେ ସାମନ୍ତ, ମାମା, ଏମାନଙ୍କର ସ୍ନେହାପ୍ଲୁତ ଅନୁମତି ବା ସହନଶୀଳତା ବିନା ମୋ ପକ୍ଷରେ ଏଠାକୁ ଆସିବା ସମ୍ଭବପର ହୋଇନଥାନ୍ତା।

**ପ୍ରସାଦ :** *ଆପଣ ନିଜ ପ୍ରତି, ସମାଜ ପ୍ରତି କିମ୍ବା ଭଗବାନଙ୍କ ପ୍ରତି- କାହାପ୍ରତି ଅଧିକ ଅଙ୍ଗୀକାରବଦ୍ଧ ବୋଲି ଅନୁଭବ କରନ୍ତି ?*

**ମନୋଜ ଦାସ :** ଏ ପ୍ରଶ୍ନର ଉତ୍ତର ଦେଲାଭଳି ସାମର୍ଥ୍ୟ ମୋର ନାହିଁ। କାରଣ ମୁଁ କିଏ ଅଙ୍ଗୀକାରବଦ୍ଧ ହେବା ପାଇଁ। ଅଙ୍ଗୀକାର କ'ଣ ମୁଁ ତାହା ଜାଣି ନାହିଁ, କାହାପ୍ରତି କିଏ ଅଙ୍ଗୀକାରବଦ୍ଧ ହେବ। ମୋର ମନେହୁଏ, ଯେତେବେଳେ ମଣିଷ ଟିକିଏ ସଚେତନ ହୁଏ, ସେ ଏତିକି ବୁଝେ ତା'ର ଏକମାତ୍ର ଅଙ୍ଗୀକାର ତା'ର ନିଜର ଚେତନା ପ୍ରତି ଏବଂ ସେଇ ଚେତନା ଯେତିକି ଯେତିକି ଅଧିକରୁ ଅଧିକ ଜ୍ଞାନଦୀପ୍ତ ହେବ, ସେତିକି ଅଧିକରୁ ଅଧିକ ଆଲୋକିତ ହେବ। ଯଦି ସେ ସେତିକି କରି ନପାରୁଚି ତାହେଲେ ସେ ଅନ୍ୟ କାହାରି ପ୍ରତି ଅଙ୍ଗୀକାରବଦ୍ଧ ହେବାର କୌଣସି ଅର୍ଥ ହିଁ ନାହିଁ। ଯଦି ଜଣେ ମଣିଷ ନିଜେ ଆଲୋକ ପାଇ ନପାରୁଚି, ସେ ଅନ୍ୟକୁ ଆଲୋକିତ କରିବାର ପ୍ରଶ୍ନ ଉଠୁଛି କେଉଁଠୁ ? ତେଣୁ ଯଦି ଅଙ୍ଗୀକାର ପ୍ରଶ୍ନ ଆସିବ, ମୋର ମନେହୁଏ ମୋର ଅଙ୍ଗୀକାର ହେଉଛି ଯେଉଁ ଚେତନା ମତେ ଜୀବନ ରୂପକ ଏକ ଶକ୍ତି ପ୍ରଦାନ କରିଛି ମୋ ଜାଣିବା ପୂର୍ବରୁ, ଏଇ ଯେଉଁ ବ୍ୟବସ୍ଥାଟି ହୋଇଛି ମୋ ପାଇଁ, ସେଇ ବ୍ୟବସ୍ଥାକୁ ଅନୁସରଣ କରି ମୁଁ ନିଜେ ନିଜକୁ ଯେତିକି ଅଧିକ ଜାଣିବା ସମ୍ଭବ ସେତିକି ଜାଣିବାକୁ ଚେଷ୍ଟା କରିବି। ତେଣୁ ମୋର ଅଙ୍ଗୀକାର ହେଉଛି ଏକ ମହାଚେତନା ପ୍ରତି ଏବଂ ଯେଉଁ ମହାଚେତନା ମୁଁ ବୋଲି ଗୋଟିଏ combination, ଗୋଟିଏ ସମ୍ମିଳିତ ବ୍ୟକ୍ତିତ୍ୱ ତିଆରି କରେ ଯାହା ମଧ୍ୟରେ ମନ ରହିଛି, ପ୍ରାଣ ରହିଛି, ଦେହ ରହିଛି, ନାନା ପ୍ରକାରର ଆବେଗ ରହିଚି, ସେଇ ବ୍ୟକ୍ତିର ଯେଉଁ ସଚେତନ ଅଂଶ ଯେଉଁ ମୁଁ- ସିଏ ଏତିକି ଅଙ୍ଗୀକାର ତା'ଠାରୁ ଆଶା କରୁଛି। ସେଇ ମହାଶକ୍ତି ଜାଣେ, ଏହାର ଆଭିମୁଖ୍ୟ କ'ଣ, ଶେଷ କ'ଣ, ପରିଣତି କ'ଣ। ଅର୍ଥାତ୍ ଅନ୍ୟ ଅର୍ଥରେ ନିଜକୁ ଜାଣିବାର ଅଙ୍ଗୀକାର ହିଁ ଏକମାତ୍ର ଅଙ୍ଗୀକାର। ମୋ ଉତ୍ତର ଆତ୍ମକେନ୍ଦ୍ରିକ ଶୁଭିପାରେ, କିନ୍ତୁ ଏହାହିଁ ମୋର ଉପଲବ୍ଧି। ସମାଜ ପ୍ରତି, ଦେଶପ୍ରତି କର୍ତ୍ତବ୍ୟକୁ ଆପଣ ଅଙ୍ଗୀକାର କରିପାରନ୍ତି, ମୁଁ ସେସବୁକୁ ଯଥେଷ୍ଟ ମୂଲ୍ୟ ଦିଏ। କିନ୍ତୁ ସେସବୁ କର୍ତ୍ତବ୍ୟ ବା ପ୍ରତିବଦ୍ଧତା ପର୍ଯ୍ୟାୟରେ ଯିବେ। କିନ୍ତୁ ମୌଳିକ ଅଙ୍ଗୀକାର ଗୋଟିଏ।

**ପ୍ରସାଦ :** *ଆପଣ ଶ୍ରୀମା ଶ୍ରୀଅରବିନ୍ଦଙ୍କ ସଂସ୍ପର୍ଶରେ ଆସିବାବେଳକୁ ଓଡ଼ିଶାରେ ଶ୍ରୀମା ଶ୍ରୀଅରବିନ୍ଦ ଭାବଧାରାରେ କିଛି କିଛି କାର୍ଯ୍ୟ ଆରମ୍ଭ ହୋଇସାରିଥିଲା। ବର୍ତ୍ତମାନ ସେ କାର୍ଯ୍ୟ ସବୁର ଅନେକ ପ୍ରସାର ମଧ୍ୟ ଘଟିଛି। ସେ କାର୍ଯ୍ୟଗୁଡ଼ିକ ସମ୍ପର୍କରେ କିମ୍ବା କର୍ମୀମାନଙ୍କ ପାଇଁ ଆପଣଙ୍କର କିଛି ଉପଦେଶ ବା ମତାମତ ଅଛି କି ?*

**ମନୋଜ ଦାସ :** ମୋର ଗୋଟିଏ ମାତ୍ର ପର୍ଯ୍ୟବେକ୍ଷଣ ଅଛି। ମତାମତ କିମ୍ବା ଉପଦେଶର ପ୍ରଶ୍ନ ଉଠୁନାହିଁ। ଏକ ବିରାଟ ଉପଲବ୍ଧିର ସୁଯୋଗ ଓଡ଼ିଶାର ବାୟୁମଣ୍ଡଳରେ ଖେଳିକରି ରହିଛି। ଯେଉଁ ସାଙ୍ଗଠନିକ ବ୍ୟବସ୍ଥା ଘଟଣା ଚକ୍ରରେ ଓଡ଼ିଶାରେ ସମ୍ଭବପର ହୋଇଛି, ସେଇଭଳି ବ୍ୟବସ୍ଥା ଭାରତର ଅନ୍ୟ କୌଣସି ରାଜ୍ୟରେ ସମ୍ଭବପର ହୋଇନାହିଁ। କିନ୍ତୁ ଏଇ ସାଙ୍ଗଠନିକ ବ୍ୟବସ୍ଥା ଅନୁପାତରେ ତା'ର ଯଥାର୍ଥ ସୁଯୋଗ ନେଇ ବ୍ୟକ୍ତିଗତ ବିକାଶ ଯେତିକି ହେବାକଥା ସେତେଟା ସମ୍ଭବପର ହୋଇପାରି ନାହିଁ। ଏ ପର୍ଯ୍ୟନ୍ତ ଅନେକ ଲୋକ ଶ୍ରୀଅରବିନ୍ଦଙ୍କ ଭାବଧାରାକୁ ଗୋଟିଏ ଗୋଷ୍ଠୀଗତ ଭାବନା କିମ୍ବା ଗୋଷ୍ଠୀଗତ ଚିନ୍ତାଧାରାରେ ପକାଇ ଦେଇଛନ୍ତି। ସେମାନେ ଯଥେଷ୍ଟ ଭାବରେ ଆମର ସାଙ୍ଗଠନିକ ଶକ୍ତି ଅନୁପାତରେ ନିଜକୁ ବିକଶିତ କରିବା ଦିଗରେ ସଚେତନ ପ୍ରୟାସ କରିନାହାନ୍ତି। ଏ ସାଙ୍ଗଠନିକ ବ୍ୟବସ୍ଥା ପାଇଁ କୃତଜ୍ଞ ହେବା ଉଚିତ ଦିବ୍ୟଶକ୍ତି ପାଖରେ। ଆମେ ଆନନ୍ଦିତ ହେବା ସ୍ୱାଭାବିକ ଯେ ଏଭଳି ସାଙ୍ଗଠନିକ ବ୍ୟବସ୍ଥା ଅନ୍ୟ କୌଣସି ରାଜ୍ୟରେ ନାହିଁ। ତା' ସହିତ ଆମେ ଏହାକୁ ଏକ ବିରାଟ ଦାୟିତ୍ୱ ଭାବରେ ପ୍ରତ୍ୟେକେ ବ୍ୟକ୍ତିଗତ ଭାବରେ ଦେଖିବା ଉଚିତ। ଏଭଳି ସଙ୍ଗଠନ ତୁଳନାରେ ମୁଁ ନିଜକୁ ଆଧ୍ୟାତ୍ମିକ ଦୃଷ୍ଟି କୋଣରୁ ଯେତିକି ବିକଶିତ କରିବା ପ୍ରୟୋଜନ, ସଙ୍ଗଠନ ଯେତିକି ସୁଯୋଗ ଦେଇଛି, ଯେତିକି ମୋ ପାଇଁ ବ୍ୟବସ୍ଥା କରିଦେଉଛି, ସେ ଅନୁପାତରେ ମୁଁ ନିଜକୁ ବିକଶିତ କରିଛି ତ ? ମୁଁ ଏ ପ୍ରଶ୍ନ ନିଜକୁ ପଚାରିବା ଉଚିତ। ମୋର ଧାରଣା, ଅଭୀପ୍ସା, ସମର୍ପଣ ଭାବ, ନମ୍ରତା ଭାବ ଏ ସବୁ ଆନୁଷ୍ଠାନିକ ବିକାଶ ତୁଳନାରେ ଆମ ଜୀବନରେ ଖୁବ୍ ବେଶୀ ବିକାଶ ଲାଭ କରିପାରି ନାହିଁ- ସାମୂହିକ ଭାବରେ। ବ୍ୟକ୍ତିଗତ ଭାବରେ ଅନେକ ଲୋକ ଉପକୃତ ହୋଇଥିବେ। ଅନେକ ଲୋକ ଆଲୋକିତ ହୋଇଥିବେ କିନ୍ତୁ ସାମୂହିକ ଭାବରେ, ସଙ୍ଗଠନ ଯେତିକି ବିରାଟ, ସେଇ ଅନୁସାରେ ପ୍ରସ୍ତୁତି ସେତିକି ବ୍ୟାପକ ହୋଇପାରି ନାହିଁ। ମୋର ଏହା କେବଳ ପର୍ଯ୍ୟବେକ୍ଷଣ ପ୍ରାୟ।

**ପ୍ରସାଦ :** *ଓଡ଼ିଶାରେ ମାତୃକାର୍ଯ୍ୟ ପାଇଁ ମୁଖ୍ୟ ପ୍ରେରଣାଦାତା ଥିଲେ ବାବାଜି ମହାରାଜ ଏବଂ ଅଧ୍ୟାପକ ପ୍ରପତ୍ତି। ସେମାନଙ୍କ ସମ୍ପର୍କରେ ଆପଣ କିଛି ମନ୍ତବ୍ୟ ଦେବେ କି ?*

**ମନୋଜ ଦାସ :** ଦୁଇଟି ମହତ୍ ଆତ୍ମା। ବାବାଜି ମହାରାଜ ମନେହୁଏ- ଏଇ ସଙ୍ଗଠନ ଆଜି ଯାହା ଓଡ଼ିଶାରେ ସମ୍ଭବପର ହୋଇଛି ତା'ର ଆତ୍ମା ଏବଂ ପ୍ରପତ୍ତିଜି ତା'ର ପ୍ରାଣ ଶକ୍ତି। ଏଇ ଭାବରେ ତାଙ୍କର ଭୂମିକାକୁ ବର୍ଣ୍ଣନା କରିବି। ସେମାନେ ଉଭୟ ଗତ, କିନ୍ତୁ ଉଭୟ ଚେତନାର ଯେଉଁ କାର୍ଯ୍ୟକାରୀ ଶକ୍ତି- ସେଇ ଶକ୍ତି ଓଡ଼ିଶାର ବାତାବରଣରେ ଏବେବି କାର୍ଯ୍ୟରତ ରହିଛି।

**ପ୍ରସାଦ :** *ଓଡ଼ିଶାରେ ଗତ ୪୪ ବର୍ଷ ଧରି ପୂର୍ଣ୍ଣାଙ୍ଗ ଶିକ୍ଷା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ଏବଂ ଏ ଯାବତ୍ ପ୍ରାୟ ୫୮୦ରୁ ଊର୍ଦ୍ଧ୍ୱ ସ୍କୁଲ ଖୋଲି ସାରିଛି। ସେ ଶିକ୍ଷା, ଶିକ୍ଷକ ଓ ଶିକ୍ଷାକେନ୍ଦ୍ରଗୁଡ଼ିକ ପାଇଁ ଆପଣଙ୍କର କିଛି ପରାମର୍ଶ ?*

**ମନୋଜ ଦାସ :** ପରାମର୍ଶ ଦେବାର କିଛି ନାହିଁ। କେବଳ ଗୋଟିଏ ଘଟଣା ଉଲ୍ଲେଖ କରିବି। ଯେତେବେଳେ ରାଉରକେଲାର ବନ୍ଧୁମାନେ ପ୍ରସ୍ତାବ କଲେ ଗୋଟିଏ ସ୍କୁଲ ଖୋଲିବା ପାଇଁ ସେତେବେଳେ ଶ୍ରୀମା'ଙ୍କୁ ଜଣାଇ ଦିଆଗଲା। ଶ୍ରୀମା'ଙ୍କର ପ୍ରଥମ ପ୍ରଶ୍ନ ଥିଲା, "Is there anybody who has read Sri Aurobindo?" ସେତେବେଳେ ମା'ଙ୍କୁ କୁହାଗଲା ହଁ। କାରଣ ସେତେବେଳେ ସେଠାରେ ଥିଲେ ସର୍ବତଃ ଦୀନକୃଷ୍ଣ ଷଡ଼ଙ୍ଗୀ। ସେ ମୋର ଛାତ୍ର ଥିଲେ କ୍ରାଏଷ୍ଟ କଲେଜରେ। ସେ ଶ୍ରୀଅରବିନ୍ଦଙ୍କ ସମ୍ବନ୍ଧରେ ଯଥେଷ୍ଟ ଅଧ୍ୟୟନ କରିଥିଲେ। ତାହା ଜଣା ସରିଥିଲା। ତେଣୁ ତାଙ୍କ ସମ୍ପର୍କରେ ମା'ଙ୍କୁ ଜଣାଇ ଦିଆଗଲା। ତା'ପରେ ମା' ନାମ ଦେଲେ Sri Aurobindo's Rourkela School. ଅର୍ଥାତ୍ ଯେ କୌଣସି ବିଦ୍ୟାଳୟ ଶ୍ରୀଅରବିନ୍ଦଙ୍କ ନାମରେ ପ୍ରତିଷ୍ଠା ହେବାପାଇଁ ପ୍ରଥମ ଆବଶ୍ୟକତା ହେଲା ଶିକ୍ଷକଙ୍କର ବ୍ୟୁତ୍ପତ୍ତି, ଶ୍ରୀଅରବିନ୍ଦଙ୍କ ଯୋଗସାହିତ୍ୟରେ। ତାହା ଯଦି ଥିବ ତେବେ ଏଇ ସଂଖ୍ୟା ଯଥାର୍ଥ। ଯଦି ନଥିବ ତେବେ ଅଦ୍ୟାବଧି ଏହା ଏକ ପରୀକ୍ଷା ସ୍ତରରେ ଚାଲିଛି ବୋଲି କୁହାଯିବ। ତାଠାରୁ ଅଧିକ ଆଉ କ'ଣ କୁହାଯାଇପାରେ ?

**ପ୍ରସାଦ :** ଆଉ କିଛି ଆପଣ ସ୍ୱତଃ କହିବାକୁ ଚାହିଁବେ କି ?

**ମନୋଜ ଦାସ :** ମୁଁ ତ ଜଣେ ଅନିଚ୍ଛୁକ ବକ୍ତା। ନିଜ ଆଡ଼ୁ କହିବାର କିଛି ପ୍ରଶ୍ନ ହିଁ ନାହିଁ। ଆପଣ ଯେତେବେଳେ ପ୍ରଶ୍ନ କରୁଛନ୍ତି ମୁଁ ତା'ର ସାମାନ୍ୟ ଉତ୍ତର ଦେଉଛି। ମୋର ନିଜ ଆଡ଼ୁ କିଛି କହିବାର ନାହିଁ। ଆପଣଙ୍କ ପ୍ରଶ୍ନର ମୋର ସାମର୍ଥ୍ୟମତେ ସଂକ୍ଷିପ୍ତ ଉତ୍ତର ଦେଇଛି। ପୃଥିବୀରେ ଏତେ ମହତ ବକ୍ତବ୍ୟ ରହିଛି- ବହୁ ମହାପୁରୁଷ, ଅଧ୍ୟାତ୍ମପୁରୁଷ, ଜ୍ଞାନୀ ପ୍ରଭୃତିଙ୍କର, ସେହି ଐଶ୍ୱର୍ଯ୍ୟପ୍ରତି ଅଧିକ ଅବଦାନ ଦେବା ଭଳି ସାମର୍ଥ୍ୟ ମୋର ଅନ୍ତତଃ ନାହିଁ।

**ପ୍ରସାଦ :** ଏଇ ଉତ୍ତରଗୁଡ଼ିକ ପାଇଁ ଆପଣଙ୍କୁ ଅଶେଷ ଅଶେଷ ଧନ୍ୟବାଦ ଏବଂ ଆନ୍ତରିକ କୃତଜ୍ଞତା ଜଣାଉଛି।

**ମନୋଜ ଦାସ :** ଆପଣଙ୍କର ପ୍ରଶ୍ନଗୁଡ଼ିକ ମଧ୍ୟ ଅତି ଚମତ୍କାର ଥିଲା। ତେଣୁ ମୋତେ ଉତ୍ତର ଦେବାରେ ଆଦୌ କଷ୍ଟ କରିବାକୁ ପଡ଼ିନି। ଏହା ଆଦୌ ଗତାନୁଗତିକ ନଥିଲା। ସେଥିପାଇଁ ଆପଣଙ୍କୁ ମଧ୍ୟ ଅନେକ ଧନ୍ୟବାଦ।

ମାତୃଭବନ, କଟକ